# ଓଡ଼ିଶାର ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୁଦାୟ

## (ସାମାଜିକ ଓ ସାଂସ୍କୃତିକ ଅନୁଶୀଳନ)



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଭୁବନେଶ୍ୱର

# ଓଡ଼ିଶାର
# ବିଶେଷ ଭାବରେ ଅନୁନ୍ନତ
# ଜନଜାତି ସମୁଦାୟ

## (ସାମାଜିକ ଓ ସାଂସ୍କୃତିକ ଅନୁଶୀଳନ)

ସଂପାଦନା ଓ ସଂଯୋଜନା

ଶ୍ରୀ ସମରେନ୍ଦ୍ର ଭୂତିଆ

ଡ. ପରମାନନ୍ଦ ପଟେଲ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ

ଭୁବନେଶ୍ୱର

ଓଡ଼ିଶାର ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୁଦାୟ

ପ୍ରକାଶକ : ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ, ଭା.ପ୍ର.ସେ
ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ,
ଆଦିବାସୀ ପ୍ରଦର୍ଶନୀ ପଡିଆ, ୟୁନିଟ୍-୧, ଭୁବନେଶ୍ୱର-୭୫୧୦୦୯
ଫୋନ୍: ୦୬୭୪-୨୨୫୯୭୮୨୧, ଇମେଲ୍: atlcbbsr_08@yahoo.com

ସଂପାଦନା ଓ ସଂଯୋଜନା: ଶ୍ରୀ ସମରେନ୍ଦ୍ର ଭୂତିଆ
ଡ. ପରମାନନ୍ଦ ପଟେଲ

ପ୍ରକାଶ ବର୍ଷ : ୨୦୨୪

ଆଇ.ଏସ୍.ବି.ଏନ୍ : ୯୭୮-୮୧-୯୭୭୭୫୮-୦-୨

ମୂଲ୍ୟ : ଟ.୨୯୦/-

ମୁଦ୍ରଣ : କ୍ୟାପିଟାଲ୍ ବିଜ୍‌ନେସ୍ ସର୍ଭିସ୍ ଏଣ୍ଡ୍ କନ୍‌ସଲ୍‌ଟାନ୍‌ସି, ଭୁବନେଶ୍ୱର

**Odisha Ra Bisesh Bhabare Anunnta Janajati Samudaya**

Published by: Sri Indramani Tripathy, IAS
Member Secretary
Academy of Tribal Languages & Culture
Unit-1, Bhubaneswar-751009
Phone: 0674-22597821, e-mail: atlcbbsr_08@yahoo.com

Editing & Coordination:
Sri Samarendra Bhutia
Dr. Paramananda Patel

Year : 2024

ISBN : 978-81-977758-0-0

Price : ₹ 290/-

Printed at : Capital Business Service & Consultancy
Bhubaneswar

# ଅଗ୍ରଲେଖ

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ପ୍ରସାର, ଯୋଗାଯୋଗର ବିକାଶ, ପରିବହନର ସୁଗମତା ଓ ସର୍ବୋପରି ଜଗତୀକରଣର ପ୍ରଭାବରେ ଆଜି ସାରା ପୃଥିବୀ ଗୋଟିଏ ପରିବାର ଭଳି ମନେ ହେଉଛି । ଏସବୁ କାରଣ ପାଇଁ ଆମେ ଆଜି ଅନେକ ଭୌତିକ ପ୍ରଗତିର ସୁଫଳ ପାଇପାରୁଛୁ । ଶିକ୍ଷା, ଉତ୍ତମ ସ୍ୱାସ୍ଥ୍ୟସେବା ଇତ୍ୟାଦି ଆଜି ସମସ୍ତଙ୍କ ପାଖରେ ପହଞ୍ଚି ପାରିଛି ।

ବିକାଶ ସହିତ ପରିବର୍ତ୍ତନ ଆସିଥାଏ । ଏହି ପରିବର୍ତ୍ତନର ପ୍ରଭାବ ଆମ ଉପରେ ପଡ଼େ । ଆମର ସାମାଜିକ, ସାଂସ୍କୃତିକ ଏବଂ ଅର୍ଥନୈତିକ ଜୀବନଧାରା ପ୍ରଭାବିତ ହୁଏ । ଦୈନିକ ଆମେ ପଡୋଶୀମାନଙ୍କ ସହିତ ଭାବ ବିନିମୟ କରୁ । ଜ୍ଞାତ ଅବା ଅଜ୍ଞାତରେ ଅନ୍ୟଠାରୁ କିଛି ଶିକ୍ଷା ଲାଭ କରୁ । ସମୟକ୍ରମେ ସେହି ଶିକ୍ଷା ଆମକୁ ପ୍ରଭାବିତ କରେ । ସେହି ପ୍ରଭାବର ଫଳ ଆମର ଜୀବନ ଓ ସଭ୍ୟତାର ଅଂଶବିଶେଷ ହୋଇଯାଏ ।

ଆମ ରାଜ୍ୟରେ ୬୪ ପ୍ରକାର ଜନଜାତି ରହିଛନ୍ତି । ସେମାନଙ୍କ ମଧ୍ୟରୁ ୧୩ ପ୍ରକାର ଜନଜାତିଙ୍କୁ ବିଶେଷ ଭାବରେ ଅନୁନ୍ନତ ଜନଜାତିର ମାନ୍ୟତା ମିଳିଛି । ଜନଜାତିଙ୍କ ସଂସ୍କୃତି ଆମ ରାଜ୍ୟର ସାମଗ୍ରିକ ପରିଚୟର ଅଙ୍ଗ । ଭାଷା, ସାହିତ୍ୟ, ପରମ୍ପରା ଓ ଭୌଗୋଳିକ ଅବସ୍ଥିତି ଭିତ୍ତିରେ ଆମ ସଂସ୍କୃତି ଯଥେଷ୍ଟ ସମୃଦ୍ଧ । ଜନଜାତିଙ୍କ ଜୀବନଶୈଳୀ, ଭାଷା, ସଂସ୍କୃତି, ଖାଦ୍ୟପେୟ ଓ ସାହିତ୍ୟ ସେମାନଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି । ସାଂସ୍କୃତିକ ବିବିଧତାରେ ଆମ ଅସ୍ମିତା ନିହିତ ।

ରାଜଧାନୀ ଭୁବନେଶ୍ୱରର ପ୍ରାଚୀର ଗୁଡ଼ିକରେ ଲାଞ୍ଜିଆ ସଉରା ଜନଜାତିଙ୍କ କାନ୍ଥଚିତ୍ର "ଇଡିତାଲ୍" ସହରୀ ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଛି । ସେମାନେ ଜନଜାତିଙ୍କ କଳା ଓ ସାଂସ୍କୃତିକ ବିଭବଗୁଡ଼ିକ ଉପରେ ଅଧିକ ଭାବରେ ଅବଗତ ହେଉଛନ୍ତି । ସେହିପରି ଶିକ୍ଷାର ପ୍ରସାର ଓ ଆଧୁନିକତାର ପ୍ରଭାବରେ ଜନଜାତିମାନେ ଅଧିକ ଶିକ୍ଷିତ ଓ ଆଧୁନିକ ହେଉଛନ୍ତି । କିନ୍ତୁ ସେମାନଙ୍କର ପାରମ୍ପରିକ ଜୀବନଶୈଳୀ ଓ ସାଂସ୍କୃତିକ ପରିଚିତିର ମୌଳିକତା ଅକ୍ଷୁର୍ଣ୍ଣ ରହିବା ଆବଶ୍ୟକ । ବିଶେଷ ଭାବରେ ଅନୁନ୍ନତ ଜନଜାତିଙ୍କ ସ୍ୱାତନ୍ତ୍ର୍ୟର ଅନୁଶୀଳନ ଲକ୍ଷ୍ୟରେ ଏହି ପୁସ୍ତକର ପରିକଳ୍ପନା କରାଯାଇଛି ।

ଜନଜାତିଙ୍କ ବିକାଶ ସହିତ ସେମାନଙ୍କ ସଂସ୍କୃତିର ସଂରକ୍ଷଣ ଓ ପ୍ରସାରକୁ ଦୃଷ୍ଟିରେ ରଖି ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ଏହି କ୍ରମରେ ଆମ ରାଜ୍ୟରେ ବସବାସ କରୁଥିବା ବିଶେଷ ଭାବରେ ଅନୁନ୍ନତ ଜନଜାତିଙ୍କୁ ନେଇ ଏହି ପୁସ୍ତକ । ସେମାନଙ୍କ ଜୀବନଚର୍ଯ୍ୟା, ସମାଜ ବ୍ୟବସ୍ଥା, ଅର୍ଥନୈତିକ କାର୍ଯ୍ୟକଳାପ, ବିଧିବିଧାନ, ଧାର୍ମିକ ପରିମଣ୍ଡଳ ଓ ସାଂସ୍କୃତିକ ପରମ୍ପରା

ସମ୍ପର୍କରେ ଏହି ପୁସ୍ତକରେ ଉପସ୍ଥାପନା କରାଯାଇଛି । ବିଶେଷ ଭାବରେ ଅନୁନ୍ନତ ଜନଜାତିଙ୍କ ସମ୍ପର୍କରେ ପ୍ରଦତ୍ତ ତଥ୍ୟ ଓ ବିବରଣୀଗୁଡ଼ିକ ଛାତ୍ରଛାତ୍ରୀ, ଗବେଷକ, ଜନସାଧାରଣଙ୍କ ପାଇଁ ଉପଯୋଗୀ ହୋଇପାରିବ।

ଏହି ପୁସ୍ତକଟିର ପ୍ରସ୍ତୁତି ତଥା ଉପସ୍ଥାପନରେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀର ଭୂମିକାକୁ ପ୍ରଶଂସା କରିବା ସହିତ ପୁସ୍ତକଟିର ଆଦୃତି ଆଶା କରୁଛି ।

**ରୂପା ରୋଶନ ସାହୁ**
କମିଶନର ତଥା ଶାସନ ସଚିବ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ
ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ
ଓଡ଼ିଶା ସରକାର

# ମୁଖବନ୍ଧ

ଓଡ଼ିଶାରେ ବସବାସ କରୁଥିବା ତେର ପ୍ରକାରର ବିଶେଷ ଭାବରେ ଅନୁନ୍ନତ ଜନଜାତିଙ୍କୁ ମିଶାଇ ଚଉଷଠି ପ୍ରକାରର ଜନଜାତି ସମୂହଙ୍କ ଜୀବନଧାରା ଅନେକ ମାତ୍ରାରେ ସ୍ୱତନ୍ତ୍ର ଓ ଅନନ୍ୟ । ଏବେ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସୁଫଳତା ଓ ତତ୍‌ସହିତ ଆଧୁନିକତାର ପ୍ରଭାବ ହେତୁ ସେମାନଙ୍କ ଜୀବନଧାରାରେ ପରିବର୍ତ୍ତନ ପରିଲକ୍ଷିତ ହେଉଛି । ଏହି ପରିବର୍ତ୍ତନ ସତ୍ତ୍ୱେ ସେମାନଙ୍କର ପାରିବାରିକ ଓ ଗୋଷ୍ଠୀ ଜୀବନ, ସାମାଜିକ ନୀତିନିୟମ, ଲୋକସଂଗଠନ ଏବଂ ବିଭିନ୍ନ ସାଂସ୍କୃତିକ ବିଭବଗୁଡ଼ିକରେ ରହିଥିବା ମୌଳିକତାକୁ ସୁରକ୍ଷିତ ଓ ସଂରକ୍ଷିତ ରଖିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅଧୀନସ୍ଥ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ବିବିଧ କାର୍ଯ୍ୟକ୍ରମ ହାତକୁ ନେଇଛି । ଜନଜାତି ବର୍ଗଙ୍କ ଭାଷା, ସାହିତ୍ୟ ଓ ସାଂସ୍କୃତିକ ସମ୍ପଦଗୁଡ଼ିକ ଉପରେ ନିୟମିତ ଗବେଷଣା, ସେଗୁଡ଼ିକର ପ୍ରଚାର-ପ୍ରସାର ପାଇଁ କାର୍ଯ୍ୟକ୍ରମ, ସେହି କ୍ଷେତ୍ରରେ କାର୍ଯ୍ୟରତ ସାଂସ୍କୃତିକ ସଂଗଠନଗୁଡ଼ିକୁ ଆର୍ଥିକ ପ୍ରୋତ୍ସାହନ, ପୁସ୍ତକ ପ୍ରକାଶନ, ସମ୍ମିଳନୀ ତଥା କର୍ମଶାଳାର ଆୟୋଜନ ପରି ଅନେକ କାର୍ଯ୍ୟକ୍ରମ ଏକାଡେମୀ ଦ୍ୱାରା ପରିଚାଳିତ ହେଉଛି । ଏତଦ୍‌ବ୍ୟତୀତ ରାଜ୍ୟସ୍ତରୀୟ ବାର୍ଷିକ ଆଦିବାସୀ ମେଳା ଆୟୋଜନ ମାଧ୍ୟମରେ ସମଗ୍ର ରାଜ୍ୟର ଜନଜାତି ବର୍ଗର ଲୋକଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ବିପଣନ ତଥା ସେମାନଙ୍କର ସାଂସ୍କୃତିକ ବିଭବ ପ୍ରଦର୍ଶନର ବ୍ୟବସ୍ଥା ଏକାଡ଼େମୀ ଦ୍ୱାରା ସଂପାଦିତ ହେଉଛି ।

ଏକାଡ଼େମୀ ଦ୍ୱାରା ପ୍ରସ୍ତୁତ ଏହି ପୁସ୍ତକରେ ଓଡ଼ିଶାରେ ବସବାସ କରୁଥିବା ବିଶେଷ ଭାବରେ ଅନୁନ୍ନତ ଜନଜାତିଙ୍କ ସମ୍ପର୍କରେ ଅନେକ ଉପାଦେୟ ତଥ୍ୟ ସନ୍ନିବିଷ୍ଟ ହୋଇଛି । ସେମାନଙ୍କ ଜୀବନଶୈଳୀ ସାଙ୍ଗକୁ ଭାଷା, ବସତି ଓ ଗୃହନିର୍ମାଣ ଶୈଳୀ, ପାରମ୍ପରିକ କଳା ଓ କୌଳିକ ବୃତ୍ତି, ପାରମ୍ପରିକ ଉତ୍ସବ ଓ ପର୍ବପର୍ବାଣି ବିଷୟରେ ଉଲ୍ଲେଖ କରାଯାଇଛି । ଏହାବ୍ୟତୀତ ସେମାନଙ୍କ ସାମାଜିକ, ଅର୍ଥନୈତିକ ଉନ୍ନତି ନିମନ୍ତେ ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ଅଣୁ ପ୍ରକଳ୍ପ ଓ ସେଗୁଡ଼ିକ ଅଧିନରେ ରହିଥିବା ଗ୍ରାମପଞ୍ଚାୟତ, ପରିବାର ଓ ଜନସଂଖ୍ୟାର ବିବରଣୀ ମଧ୍ୟ ଏଥିରେ ସ୍ଥାନିତ ହୋଇଛି ।

ପୁସ୍ତକରେ ରହିଥିବା ଛବିଗୁଡ଼ିକ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ଅନୁଷ୍ଠାନ (SCSTRTI), ଓଡ଼ିଶା ପିଭିଟିଜି ସଶକ୍ତିକରଣ ଓ ଜୀବିକା ପ୍ରୋତ୍ସାହନ କାର୍ଯ୍ୟକ୍ରମ (OPELIP) ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ରାଜ୍ୟସ୍ତରୀୟ ପ୍ରଶାସନିକ ସଂସ୍ଥାନ (SLAU of SDC) ଯୋଗାଇ ଦେଇଛନ୍ତି । ସେଥିପାଇଁ ଉପରୋକ୍ତ ଅନୁଷ୍ଠାନଗୁଡ଼ିକୁ କୃତଜ୍ଞତା ଜ୍ଞାପନ କରୁଛୁ । ଅନୁରୂପ ଭାବରେ ପୁସ୍ତକର ପ୍ରସ୍ତୁତି, ସମ୍ପାଦନା ଓ ସଂଯୋଜନା ନିମନ୍ତେ ସହନିର୍ଦ୍ଦେଶକ ଶ୍ରୀ ସମରେନ୍ଦ୍ର ଭୂତିଆ ଓ ସଂଯୋଜକ, ସଂହତି ଡ଼.

ପରମାନନ୍ଦ ପଟେଲଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛୁ । ଜନଜାତିଙ୍କ ପରିସଂଖ୍ୟାନ ତଥ୍ୟ ପ୍ରସ୍ତୁତ କରିଥିବାରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ଅନୁଷ୍ଠାନ (SCSTRTI)ର ସହ ନିର୍ଦ୍ଦେଶକ ଶ୍ରୀ ଶ୍ରୀଧର ପଣ୍ଡା ଏବଂ ପାଣ୍ଡୁଲିପି ସମ୍ପାଦନାରେ ସହଯୋଗ ନିମନ୍ତେ ଶ୍ରୀଯୁକ୍ତ ସୂର୍ଯ୍ୟନାରାୟଣ ମିଶ୍ର ଓ ଶ୍ରୀଯୁକ୍ତ ରଞ୍ଜନ କୁମାର ମହାନ୍ତିଙ୍କ ଉଦ୍ୟମ ପ୍ରଶଂସନୀୟ । ପୁସ୍ତକରେ ସ୍ଥାନୀତ ତଥ୍ୟ ଓ ଛବି ମଧ୍ୟରେ ତ୍ରୁଟି ଦୃଷ୍ଟିକୁ ଆସିଲେ ପରବର୍ତ୍ତୀ ସଂସ୍କରଣରେ ଆବଶ୍ୟକ ସଂଶୋଧନ କରାଯିବ ।

ଏହି ପୁସ୍ତକଟି ମୁଖ୍ୟତଃ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ଓଡିଶାର ୧୩ ଗୋଟି ବିଶେଷ ଭାବରେ ଅନୁନ୍ନତ ଜନଜାତିଙ୍କ ସାମାଜିକ ଓ ସାମ୍ପ୍ରତିକ ଜୀବନଧାରା ସଂପର୍କରେ ସମ୍ୟକ ଭାବରେ ଅବଗତ କରାଇବା ପାଇଁ ଉଦ୍ଦିଷ୍ଟ । ଆଶା କରୁଛୁ ସେହି ଦିଗରେ ଆମର ଏହି ପ୍ରୟାସ ଆଶାନୁରୂପ ସୂଚନା ଦେବାରେ ସମର୍ଥ ହେବ ।

**ଇନ୍ଦ୍ରମଣି ତ୍ରିପାଠୀ**
ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ

# ସୂଚୀପତ୍ର


| କ୍ର. ନଂ | ବିଷୟ | ପୃଷ୍ଠାଙ୍କ |
|---|---|---|
| ୧ | ଓଡ଼ିଶାର ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟ | ୧ |
| ୨ | ବଣ୍ଡା | ୨ |
| ୩ | ଲାଞ୍ଜିଆ ସଉରା | ୭ |
| ୪ | ଚୁକ୍‌ଟିଆ ଭୁଞ୍ଜିଆ | ୧୪ |
| ୫ | ଜୁଆଙ୍ଗ | ୧୯ |
| ୬ | ସଉରା | ୨୫ |
| ୭ | ମାଙ୍କିଡ଼ିଆ | ୩୦ |
| ୮ | ପାହାଡ଼ି ଖଡ଼ିଆ | ୩୪ |
| ୯ | ବିରହୋର୍ | ୪୦ |
| ୧୦ | ଡଙ୍ଗରିଆ କନ୍ଧ | ୪୪ |
| ୧୧ | କୁଟିଆ କନ୍ଧ | ୫୧ |
| ୧୨ | ଲୋଧା | ୫୭ |
| ୧୩ | ପାଉଡ଼ି ଭୂୟାଁ | ୬୨ |
| ୧୪ | ଡିଡାୟୀ | ୬୬ |
| ୧୫ | ସଂକ୍ଷେପରେ ଓଡିଶାର ପିଭିଟିଜି | |
| | କ) ଜନଜାତି ଗୋଷ୍ଠୀଙ୍କ ଶ୍ରେଣୀ ବିଭାଗ | ୭୩ |
| | ଖ) ଜନଜାତିଙ୍କ ଜୀବନଶୈଳୀ | ୭୪ |
| | ଗ) ଜନଜାତିଙ୍କ ଭାଷା | ୭୯ |
| | ଘ) ଜନଜାତିଙ୍କ ବସତି ଓ ଗୃହ ନିର୍ମାଣ ଶୈଳୀ | ୮୦ |
| | ଙ) ଜନଜାତିଙ୍କ ପାରମ୍ପରିକ ବୃତ୍ତି | ୮୪ |
| | ଚ) ଜନଜାତିଙ୍କ ପାରମ୍ପରିକ ପ୍ରଥା ଓ ଯାତ୍ରା | ୮୮ |
| | ଛ) ଓଡ଼ିଶାର ବିଭିନ୍ନ ଅଣୁପ୍ରକଳ୍ପ ଓ ଜନଜାତିଙ୍କ ଅବସ୍ଥିତି | ୯୨ |
| | ଜ) ଜନଜାତିଙ୍କ ପରିସଂଖ୍ୟାନ | ୯୫ |




# ଓଡ଼ିଶାର ବିଶେଷ ଭାବରେ ଅନୁନ୍ନତ ଜନଜାତି

ଆମ ଓଡ଼ିଶା ଏକ ଜନଜାତିବହୁଳ ରାଜ୍ୟ । ଭାଷା, ସଂସ୍କୃତି, ପରମ୍ପରା, ଜୀବନଶୈଳୀ ଇତ୍ୟାଦି ବିଚାରରେ ଆମ ରାଜ୍ୟର ଚଉଷଠି ପ୍ରକାରର ଜନଜାତି ତାଲିକାଭୁକ୍ତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ତେର ଗୋଟି ଜନଜାତିଙ୍କୁ "ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୁଦାୟ" ବା Particularly Vulnerable Tribal Group (PVTG) ଭାବରେ ମାନ୍ୟତା ମିଳିଛି । ଏହି ବର୍ଗରେ ବଣ୍ଡା, ଡିଡାୟୀ, ଡଙ୍ଗରିଆ କନ୍ଧ, ଲାଞ୍ଜିଆ ସଉରା, କୁଟିଆ କନ୍ଧ, ଚୁକଟିଆ ଭୁଞ୍ଜିଆ, ଜୁଆଙ୍ଗ, ସଉରା, ପାଉଡ଼ି ଭୂୟାଁ, ଲୋଧା, ବିରହୋର୍, ମାଙ୍କିଡିଆ ଓ ପାହାଡ଼ି ଖଡ଼ିଆ ଜନଜାତି ଗୋଷ୍ଠୀଙ୍କୁ ସାମିଲ କରାଯାଇଛି ।

ଆଗରୁ ଏମାନଙ୍କୁ ଆଦିମ ଜନଜାତି (PTG) କୁହାଯାଉଥିଲା । ପରବର୍ତ୍ତୀ ସମୟରେ "ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୁଦାୟ" ଭାବରେ ପୁନର୍ନାମିତ କରାଯାଇଛି । କେତେକ ବିଶେଷ ବୈଶିଷ୍ଟ୍ୟ ଆଧାରରେ ସରକାର ଏପରି ମାନ୍ୟତା ପ୍ରଦାନ କରିଥାଆନ୍ତି । ଗୋଟିଏ ଅଞ୍ଚଳରେ ବିକ୍ଷିପ୍ତ ଭାବରେ ବସବାସ କରୁଥିବା, ସମୟ କ୍ରମେ ଜନସଂଖ୍ୟା ବୃଦ୍ଧି ପାଉନଥିବା, ଶିକାର, ପୋଡୁଚାଷ ତଥା ପୁରାତନ ପାରମ୍ପରିକ କୃଷି ପଦ୍ଧତିରେ ଖାଦ୍ୟ ସଂଗ୍ରହ କରୁଥିବା, ନିମ୍ନ ସାକ୍ଷରତା ହାର ବିଶିଷ୍ଟ ଆର୍ଥିକ ଦୁର୍ବଳ ଜନଜାତି ବର୍ଗ ପିଭିଟିଜି ଭାବରେ ଚିହ୍ନଟ ହୋଇଛନ୍ତି ।

ଦୁର୍ଗମ ପାହାଡ ଓ ସବୁଜ ବନାନୀଭରା ପ୍ରକୃତିର କୋଳରେ ବଢି ଆସିଥିବାରୁ ଏହି ଜନଜାତିମାନଙ୍କ ଚଳଣୀ ଓ ଆଚରଣରେ ଭିନ୍ନତା ପରିଲକ୍ଷିତ ହୁଏ । ଭୌଗୋଳିକ ଅବସ୍ଥିତି କାରଣରୁ ସେମାନଙ୍କ ନିକଟରେ ମୌଳିକ ଭିତ୍ତିଭୂମିର ଅଭାବ ଥିଲା । ପ୍ରଶାସନିକ ସୁବିଧା ସୁଲଭ ନଥିଲା । ସେମାନଙ୍କୁ ବିକାଶ ମାର୍ଗରେ ସାମିଲ କରିବା ନିମନ୍ତେ ଅନେକ ପଦକ୍ଷେପ ଗ୍ରହଣ କରାଯାଉଅଛି । ବିଭିନ୍ନ ଅଣୁ ପ୍ରକଳ୍ପ (Micro Project) ମାଧ୍ୟମରେ ସେମାନଙ୍କ ସାମାଜିକ ଓ ଆର୍ଥନୀତିକ ଜୀବନରେ ପରିବର୍ତ୍ତନ ଆସୁଛି । ପୁଣି ବିକାଶର ସାଥୀ ଭାବେ ଆଧୁନିକତା ଓ ପରିବର୍ତ୍ତନ ମଧ୍ୟ ସେମାନଙ୍କ ମୌଳିକ ଜୀବନଶୈଳୀକୁ ପ୍ରଭାବିତ କରୁଛନ୍ତି । ଏହି ପୁସ୍ତକରେ ଓଡ଼ିଶାର ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୁଦାୟଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନଧାରା ଉପରେ ଆଲୋକପାତ କରାଯାଇଛି ।





# ବଣ୍ଡା

ଓଡ଼ିଶାର ମାଲକାନଗିରି ଜିଲ୍ଲାର ଖଇରପୁଟ ଓ ଚିତ୍ରକୋଣ୍ଡା ବ୍ଲକ ଅଞ୍ଚଳରେ ବଣ୍ଡା ଜନଜାତିର ଅଧିବାସୀମାନେ ବସବାସ କରନ୍ତି । ଆମ ରାଜ୍ୟର ତେର ପ୍ରକାରର ବିଶେଷ ଭାବରେ ଅନୁନ୍ନତ ଜନଜାତିଙ୍କ ମଧ୍ୟରୁ ବଣ୍ଡା ହେଉଛନ୍ତି ସବୁଠାରୁ ପୁରାତନ । ୨୦୧୮ ଆଧାରରେଖା ସର୍ବେକ୍ଷଣ ଅନୁଯାୟୀ ଅଣୁପ୍ରକଳ୍ପ ଅଞ୍ଚଳରେ ସେମାନଙ୍କର ସଂଖ୍ୟା ୧୦,୩୦୮ ଥିଲା ।

ସେମାନେ ଖୁବ୍ ସାହସୀ ଏବଂ ସୁନ୍ଦର । ସେମାନଙ୍କର ନାମ ଅନୁସାରେ ପର୍ବତର ନାମ ବଣ୍ଡା ପର୍ବତ ହୋଇଛି । ସେମାନେ ନିଜକୁ ରେମୋ କହନ୍ତି । ରେମୋର ଅର୍ଥ ମଣିଷ । ତାଙ୍କ ଭାଷା ହେଉଛି "ରେମୋ ଶାମ" । ସେମାନଙ୍କର ବେଶଭୂଷା ନିଆରା । ପୁରୁଷମାନେ ଅଣ-ଓସାରିଆ ଲମ୍ଵା ଧୋତି ପିନ୍ଧୁଥିବାବେଳେ ମହିଳାମାନଙ୍କ ପରିପାଟି ମଧ୍ୟ ଅନ୍ୟ ମହିଳାଙ୍କ ଅପେକ୍ଷା ଅଲଗା କିନ୍ତୁ ଆକର୍ଷଣୀୟ ।



ଲୋକକଥା ଅନୁଯାୟୀ, ତ୍ରେତୟା ଯୁଗରେ ରାମଚନ୍ଦ୍ରଙ୍କ ବନବାସ ସମୟରେ ମାତା ସୀତା ଏକାନ୍ତରେ ନିର୍ଜନ ବନ ମଧ୍ୟରେ ଝରଣା ଜଳରେ ସ୍ନାନ କରୁଥିଲେ । ତାଙ୍କୁ ଦେଖି କେତେ ଜଣ ବଣ୍ଡା ମହିଳା ହସି ଦେଲେ । ମାତା ସୀତା ଏହା ଦେଖି ବିଚଳିତ ହେଲେ ଏବଂ ରାଗରେ ସେମାନଙ୍କୁ ଲଣ୍ଡା ଓ ନିର୍ବସ୍ତ୍ର ହୋଇ ରହିବାକୁ ଅଭିଶାପ ଦେଲେ । ଏହି ଅଭିଶାପକୁ ସ୍ୱୀକାର କରି ଆଜିଯାଏ ବଣ୍ଡା ମହିଳାମାନେ ଲଣ୍ଡିତ ମସ୍ତକ ଓ ନିର୍ବସ୍ତ୍ର ଶରୀରରେ ରହି ଆସୁଛନ୍ତି ।





ନିଜ ଫୁଙ୍ଗୁଳା ଦେହକୁ ବଣ୍ଡା ରମଣୀମାନେ ସୁନ୍ଦର ଭାବରେ ସଜାଇଥାନ୍ତି। ପିତ୍ତଳ ଓ କାଚ ଦ୍ୱାରା ନିର୍ମିତ ଗଳାମାଳି ଓ ହାର ପିତ୍ତଳ ଓ ଆଲୁମିନିୟମ୍ ତିଆରି ଓଜନିଆ ଖଗଲା ପିନ୍ଧି ସେମାନେ ନିଜ ଦେହର ଉପରାର୍ଦ୍ଧକୁ ଘୋଡାଇ ରଖିଥାନ୍ତି। ନିଜସ୍ୱ ତନ୍ତରେ ନିର୍ମିତ 'ରିଙ୍ଗା'କୁ ଅଣ୍ଟାରେ ଗୁଡ଼ାଇ ନିଜର ଲଜ୍ଜା ନିବାରଣ କରିଥାନ୍ତି।

ବଣ୍ଡା ଗାଆଁ ଗୁଡ଼ିକର ଆକାର ଅଲଗା ଅଲଗା ହୋଇଥାଏ। ବଡ଼ ଗାଆଁଗୁଡ଼ିକ କେତୋଟି ଛୋଟ ପଡ଼ାରେ ଭାଗ ହୋଇଥାଏ। ଗାଁ ଭିତରେ ଅଣଓସାରିଆ ଗଳି ରାସ୍ତା ଥାଏ । ଘରଗୁଡିକ ଲାଗିଲାଗି ରହିଥାଆନ୍ତି। ଗାଁ ମଝିରେ ଗୋଟିଏ ଖୋଲା ଜାଗାରେ ସଭାମଣ୍ଡପ ଥାଏ । ତାକୁ 'ସିନ୍ଦିବର' ବୋଲି କୁହନ୍ତି । ଗାଁର ଶେଷଆଡ଼କୁ ଅବିବାହିତା ବଣ୍ଡା ଝିଅମାନଙ୍କ ପାଇଁ ତିଆରି ହୋଇଥାଏ ଧାଙ୍ଗିଡ଼ି ବସା ବା ସେଲାନିଡିଙ୍ଗୋ ଏବଂ ଆରମ୍ଭରେ ଥାଏ ଗ୍ରାମଦେବତୀ ହୁଣ୍ଡିଙ୍କ ଆସନ। ବଣ୍ଡାମାନଙ୍କ ମୁଖ୍ୟ ଦେବତା ପାଟଖଣ୍ଡା। ମୁଦୁଲିପଡ଼ା ଗାଁର ଏକ ବଡ଼ ବରଗଛ କୋରଡରେ ପାଟଖଣ୍ଡାଙ୍କ ପୂଜାପୀଠ ସ୍ଥଳୀ ରହିଛି । ପୂର୍ବଘାଟ ପର୍ବତମାଳାର କୋଣ୍ଡାକାମ୍ବେରୁ ଅଞ୍ଚଳ ତଥା ମାଛକୁଣ୍ଡ ଅବବାହିକାରେ ଥିବା ଅପହଞ୍ଚ ପାର୍ବତ୍ୟାଞ୍ଚଳରେ ବଣ୍ଡାମାନଙ୍କର ବସତି ଦେଖାଯାଏ ।

ବଣ୍ଡାମାନଙ୍କ ଘରଗୁଡ଼ିକ ଆୟତାକାର ଛୋଟଛୋଟ କୁଡ଼ିଆ କହିଲେ ଚଳେ। ବାଉଁଶ ତାଟି ଉପରେ ମାଟି ଓ ଗୋବର ଲିପା ହୋଇ କାନ୍ଥ ତିଆରି ହୋଇଥାଏ । ପିରି ନାମକ ଏକ ବଣୁଆ ଘାସ ଦ୍ୱାରା ଘରର ଛପର ହୁଏ। ଘରଗୁଡ଼ିକ ନୁଆଁଣିଆ। ଏବେ ଅନେକ ବଣ୍ଡା ପରିବାର ପିରି ପରିବର୍ତ୍ତେ ଟିଣ, ଆଜ୍‌ବେଷ୍ଟସ୍ ଓ ଛାତ ଘରେ ରହିଲେଣି। ସାଧାରଣ ଭାବେ ପୂର୍ବପରି ପିରି ଘର ଆଉ ଦେଖା ଯାଉନାହିଁ। ସେମାନଙ୍କ ଘର ଆଗରେ ବାରଣ୍ଡାଟିଏ ଥାଏ। ଏହା ଶୋଇବା ସାଙ୍ଗକୁ ବିଭିନ୍ନ ବାହାର କାମରେ ଲାଗେ। ଭିତର ଘରଟି ଶୋଇବା, ରୋଷେଇବାସ ଏବଂ ଭଣ୍ଡାର ଘର ହିସାବରେ ବ୍ୟବହାର ହୁଏ। ନିହାତି ଦରକାରୀ ଘରକରଣା ଦ୍ରବ୍ୟ ସହ ଧନୁତୀର, ଆବଶ୍ୟକ ବାସନକୁସନ ଓ କୃଷି ଉପକରଣଗୁଡିକ ଘରେ ରହିଥାଏ। ଘରକୁ ଲାଗି ଗୃହପାଳିତ ପଶୁପକ୍ଷୀଙ୍କ ନିମନ୍ତେ ଛୋଟ ଚାଳ ଘରଟିଏ ଥାଏ । ସେମାନେ ଘର ପଛପଟ ଛୋଟ ବଗିଚାରେ ପଣସ, ଆମ୍ବ, ପିଜୁଳି ଓ ଲେମ୍ବୁସାଙ୍ଗକୁ ବିଭିନ୍ନ ପନିପରିବା ଚାଷ କରିଥାଆନ୍ତି।





ବଣ୍ଡାମାନଙ୍କ ଜୀବନଧାରା ଖୁବ୍ ସରଳ। ବଡି ଭୋରରୁ ସେମାନଙ୍କ ନିଜ ଦୈନନ୍ଦିନ କାମ ଆରମ୍ଭ ହୋଇଥାଏ। ବଣ୍ଡା ମହିଳାମାନେ ଖୁବ୍ ପରିଶ୍ରମୀ। ଘରର ଅଧିକାଂଶ କାମ ସେମାନେ କରିଥାଆନ୍ତି। ମହିଳାମାନେ ଘରର ଲିପାପୋଛା, ଗୋରୁ ଗାଈଙ୍କ ଯତ୍ନ, ରୋଷେଇବାସ, ପାଣି ସଂଗ୍ରହ, ରିଙ୍ଗା ବୁଣିବା, ଝାଡୁ ଓ ଖଲି ପତ୍ର ତିଆରି ବା ହାଟରୁ ଆବଶ୍ୟକ ଜିନିପତ୍ର କିଣିବା, ଶିଶୁର ପାଳନ କରିବା ଇତ୍ୟାଦି କାର୍ଯ୍ୟ କରିଥାଆନ୍ତି। ଚାଷବାସରେ ମଧ୍ୟ ଏମାନେ ପୁରୁଷମାନଙ୍କୁ ସହଯୋଗ କରନ୍ତି।

ବଣ୍ଡାମାନେ ଶିକାର ପ୍ରିୟ । ଧନୁର୍ବିଦ୍ୟାରେ ସେମାନେ ବେଶ୍ ପାରଙ୍ଗମ। ବଣ୍ଡା ପୁରୁଷମାନେ ସବୁବେଳେ ପାଖରେ ଧନୁତୀର, ଛୁରି, ଟାଙ୍ଗିଆ ଆଦି ରଖିଥାଆନ୍ତି। ଉଭୟ ପୁରୁଷ ଓ ମହିଳା ନିଜ ନିଜ ଶକ୍ତି ମୁତାବକ କାମ କରନ୍ତି। ପିଲାଠାରୁ ବୁଢ଼ା ଯାଏଁ, କେହି କାମ ନକରି ଘରେ ବସି ରୁହନ୍ତି ନାହିଁ । ବାପାମା'ଙ୍କ ଅନୁପସ୍ଥିତିରେ ବଡ଼ ପୁଅ ଝିଅ, ସାନମାନଙ୍କ ଦାୟିତ୍ୱ ବହନ କରିଥାଆନ୍ତି। ବଣ୍ଡାମାନେ ସାଧାରଣତଃ କାଙ୍ଗୁ, ସୁଆଁ, ଜହ୍ନା, ବିରି, ମକା, ଅଳସି ଇତ୍ୟାଦି ଫସଲ ଚାଷ କରନ୍ତି। ପାଣିର ସୁବିଧା ଥିବା ଜାଗାରେ ବିଲ ତିଆରି କରି ଧାନ ଚାଷ ମଧ୍ୟ କରିଥାଆନ୍ତି।



ବଣ୍ଡାମାନେ ଅନେକ ଦେବଦେବୀଙ୍କୁ ପୂଜା କରିଥାଆନ୍ତି। ସେମାନଙ୍କର ମୁଖ୍ୟ ଦେବତା ହେଉଛନ୍ତି, "ପାଟଖଣ୍ଡା ମହାପ୍ରୁ"। ମାଟି ମାଆ ଓ ଗ୍ରାମଦେବୀ ହୁଣ୍ଡି ଅଥବା 'ବୁର୍‌ସୁଙ୍ଗ', ଝରଣାର ଦେବୀ 'କାପୁରଚୁଆଁ', ଗୁହାଳର ଦେବୀ 'ଧରତନି', ବନଦେବୀ

'ଉଗା' ଓ 'ରେନୁଙ୍ଗ୍‌ବୋର', ଆମ୍ବ ଗଛରେ ଅବସ୍ଥାନ କରୁଥିବା ଆତ୍ମା 'ଡୋଲିଆଙ୍ଗ୍', ଧାନକ୍ଷେତର ଆତ୍ମା 'କାଳିଆରାଣୀ'ଙ୍କୁ ସେମାନେ ଖୁବ୍ ନିଷ୍ଠାର ସହ ପୂଜା କରନ୍ତି ।

ବଣ୍ଡାମାନେ ଅନେକ ସାମାଜିକ ଉତ୍ସବ ପାଳନ କରନ୍ତି । ଏହି ପର୍ବପର୍ବାଣିଗୁଡିକ ମଧ୍ୟରେ ପୌଷ ମାସରେ ପୁଷପରବ, ଚୈତ୍ର ମାସରେ ଚଇତପରବ, ବୈଶାଖ-ଜ୍ୟେଷ୍ଠ ମାସରେ ପାଟଖଣ୍ଡା ଯାତ୍ରା ଆଦି ପ୍ରଧାନ। ପ୍ରତ୍ୟେକ ପର୍ବକୁ ସେମାନେ ନିଷ୍ଠାର ସହିତ ପାଳନ କରିଥାଆନ୍ତି । ଉତ୍ସବ ସମୟରେ ସାଧାରଣତଃ ବାହାରର ଅଧିବାସୀଙ୍କୁ ସେଠାରେ ରହିବାକୁ ବାରଣ କରାଯାଇଥାଏ । ପର୍ବପର୍ବାଣି ଅବସରରେ ନାଚ ଓ ଗୀତର ଆସର ଜମିଥାଏ । ସୁନ୍ଦର ବେଶ ପୋଷାକ ବଣ୍ଡା ମହିଳାମାନେ ହାତରେ ମୟୂର ପୁଚ୍ଛ ଧରି ନୃତ୍ୟ କରିଥାଆନ୍ତି । ବଣ୍ଡା ଯୁବକମାନେ ମଧ୍ୟ ବିଭିନ୍ନ ହାର ପିନ୍ଧି ସଜବାଜ ହୋଇ ବାଦ୍ୟଯନ୍ତ୍ର ବଜାଇ ଥାଆନ୍ତି ।

ଓଡ଼ିଶା ସରକାର ବଣ୍ଡାମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି । ବଣ୍ଡା ଘାଟିରେ ଅବସ୍ଥିତ ମୁଦୁଲିପଡ଼ାଠାରେ "ବଣ୍ଡା ଉନ୍ନୟନ ସଂସ୍ଥା" ସେମାନଙ୍କ ବିକାଶ ପାଇଁ କାର୍ଯ୍ୟରତ। ବଣ୍ଡା ପୁଅଝିଅଙ୍କ ଶିକ୍ଷା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇ ଆବାସିକ ଶିକ୍ଷା ପ୍ରଦାନ କରାଯାଉଛି । ଏବେ ଅନେକ ବଣ୍ଡା ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ଲାଭକରି ସ୍ୱାବଲମ୍ବୀ ହେଲେଣି । ତାଙ୍କ ସାମାଜିକ ଓ ସାଂସ୍କୃତିକ ପରମ୍ପରାକୁ ଅତୁଟ ରଖି ସେମାନଙ୍କୁ ଶିକ୍ଷିତ ଏବଂ ଆତ୍ମନିର୍ଭରଶୀଳ କରିବା ପାଇଁ ସରକାର ଆନ୍ତରିକ ଉଦ୍ୟମ ଜାରି ରଖିଛନ୍ତି । ସମୟ ସହିତ ତାଳ ଦେଇ ବଣ୍ଡାମାନେ  ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେଉଛନ୍ତି ।





# ଲାଞ୍ଜିଆ ସଉରା

ସଉରାମାନେ ଆମଦେଶର ଅନ୍ୟତମ ପୁରାତନ ଜନଜାତି ଭାବେ ପରିଚିତ। ପୁରାଣମାନଙ୍କରେ ଏମାନଙ୍କ ବିଷୟରେ ବର୍ଣ୍ଣନା ମିଳିଥାଏ। ସଉରାମାନେ ଆମ ରାଜ୍ୟର ଗଜପତି, ରାୟଗଡ଼ା ସମେତ ଅନ୍ୟାନ୍ୟ ଜିଲ୍ଲାରେ ବିକ୍ଷିପ୍ତ ଭାବେ ବସବାସ କରନ୍ତି। ଓଡ଼ିଶା ବ୍ୟତୀତ ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ପଶ୍ଚିମବଙ୍ଗ ତଥା ଉତ୍ତରପୂର୍ବ ଭାରତରେ ମଧ୍ୟ ଏହି ଜନଜାତି ରହିଛନ୍ତି । ୨୦୧୧ ମସିହା ଜନଗଣନା ଅନୁସାରେ ଓଡ଼ିଶାରେ ସଉରାମାନଙ୍କ ସଂଖ୍ୟା ୫,୩୪,୭୫୧ ରହିଥିଲା।

ସଉରାମାନଙ୍କୁ ବିଭିନ୍ନ ଉପଗୋଷ୍ଠୀରେ ବିଭକ୍ତ କରାଯାଇଛି । ଯଥା: ସଉରା, ଶବର, ଲାଞ୍ଜିଆ ସଉରା, ସହରା, ବେଣୁଶବର, ଆର୍ସି ଶବର, ଜୁରାଇ ଶବର, କାମ୍ପ ଶବର, ଜାରା ଶବର ଇତ୍ୟାଦି। ଏମାନଙ୍କ ମଧ୍ୟରେ ଲାଞ୍ଜିଆ ସଉରାଙ୍କୁ  ବିଶେଷଭାବରେ ଅନୁନ୍ନତ ଜନଜାତି ସମୁଦାୟର ମାନ୍ୟତା ମିଳିଛି। ସରକାର



ଗଜପତି ଜିଲ୍ଲାର ମୋହନା ଓ ଗୁମ୍ମା ବ୍ଲକ ଏବଂ ରାୟଗଡା ଜିଲ୍ଲାର ଗୁଣପୁର ଅଞ୍ଚଳରେ ରହିଥିବା ଲାଞ୍ଜିଆ ସଉରାମାନଙ୍କୁ ବିଶେଷଭାବରେ ଅନୁନ୍ନତ ଜନଜାତି ସମୁଦାୟର ମାନ୍ୟତା ପ୍ରଦାନ କରିଛନ୍ତି । ଆଧାରରେଖା ସର୍ବେକ୍ଷଣ ୨୦୧୮ ଅନୁଯାୟୀ ଅଣୁପ୍ରକଳ୍ପ ଅଞ୍ଚଳରେ ଲାଞ୍ଜିଆ ମାନଙ୍କର ସଂଖ୍ୟା ୪୦,୯୧୩ ।

ଲାଞ୍ଜିଆ ସଉରାମାନଙ୍କ ଦୁଇଟି ବିଷୟରେ ବିଶେଷ ପରିଚୟ ରହିଛି । ପ୍ରଥମଟି ହେଲା ସେମାନଙ୍କ ବେଶ ପୋଷାକ । ଏହି ଜନଜାତିର ପୁରୁଷମାନେ ଏକ ଲମ୍ବା ଏବଂ ଅଣଓସାରିଆ ଲୁଗାକୁ ଅଣ୍ଟାରେ ଗୁଡ଼ାଇ ପିନ୍ଧି ଥାଆନ୍ତି । ତାହାର ଗୋଟିଏ ଭାଗ ଅଣ୍ଟାର ସମ୍ମୁଖକୁ ଓ ଅନ୍ୟ ଅଂଶଟି ଅଣ୍ଟା ପଛପାଖକୁ ଲାଞ୍ଜ ପରି ଝୁଲିରହିଥାଏ । ସେମାନେ ମୁଣ୍ଡରେ ପଗଡ଼ି ବାନ୍ଧନ୍ତି । ସେଥିରେ କୁକୁଡ଼ା ଓ ବଗର ପର ଖୋସିଥାଆନ୍ତି ।



ମହିଳାମାନେ ତିନିଫୁଟ ଲମ୍ବ ଓ ଦୁଇ ଫୁଟ ଓସାରର ଧୂସର ଓ ନାଲି ଧଡିଥିବା ମୋଟା ଲୁଗା ଅଣ୍ଟାରେ ଗୁଡ଼େଇ ପିନ୍ଧିଥାଆନ୍ତି । ଏହା ପ୍ରାୟ ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବିଥାଏ । ଅଣ୍ଟା ପାଖରୁ ଶରୀରର ଉପରାର୍ଦ୍ଧକୁ ସେମାନେ ଆଉ ଖଣ୍ଡିଏ ଗାମୁଛାରେ ଢାଙ୍କିଥାନ୍ତି । ଗାମୁଛାର ଦୁଇ ମୁଣ୍ଡକୁ ପିଠି ପଟକୁ ନେଇ ଗୋଟିଏ ଗଣ୍ଠି ପକାଯାଇଥାଏ । ସେମାନେ ବେକରେ ଗଣ୍ଠିମାଳି ସହ ଗୋଟିଏ ଦୁଇଟି ଆଲୁମିନିୟମ୍ ନିର୍ମିତ ହାର ପିନ୍ଧିବାକୁ ପସନ୍ଦ କରନ୍ତି । ଆଗେ କାନରେ କାଠ ତିଆରି ଗୋଲାକାର ଅଳଙ୍କାର ପିନ୍ଧୁଥିଲେ । ଆଜିକାଲି ଯୁବତୀମାନେ କାନଫୁଲ ତଥା କୁଣ୍ଡଳ ପିନ୍ଧୁଛନ୍ତି । ବଜାରରେ ମିଳୁଥିବା ବିଭିନ୍ନ  ଅଳଙ୍କାର କିଣି ଗୋଡ ଓ ପାଦରେ ମଧ୍ୟ ପିନ୍ଧିଲେଣି ।

ଲାଞ୍ଜିଆ ସଉରାମାନଙ୍କ ଦ୍ୱିତୀୟ ପରିଚୟଟି ହେଲା ଥାକ ଚାଷ । ଏଥିରେ ସେମାନେ ବେଶ୍ ପାରଙ୍ଗମ । ପାହାଡ଼କୁ କାଟି, ଥାକ ଥାକ କରି ରହିଥିବା ଚାଷ ଜମିରେ କୃଷିକାର୍ଯ୍ୟ କରିଥାଆନ୍ତି । ପାହାଡ ଉପରୁ ତଳକୁ ଗଡି  ଯାଉଥିବା ଜଳକୁ ଅଟକାଇ କୃଷି କାର୍ଯ୍ୟରେ ବ୍ୟବହାର କରିବାର ପାରମ୍ପରିକ କଳା ହେଉଛି ସୋପାନ ପଦ୍ଧତି । ଜଳ ପ୍ରବାହର ନିୟନ୍ତ୍ରଣ ପାହାଚ ଚାଷରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ହିଡ଼ ନ ଭାଙ୍ଗି ବିଲ ମଝିରୁ ପାଣି ନିଗାଡ଼ିବାର କୌଶଳ ସେମାନଙ୍କର ନିଜସ୍ୱ ଉନ୍ନତ ଜ୍ଞାନକୌଶଳର ନିଦର୍ଶନ ।





ଲାଞ୍ଜିଆ ସଉରାମାନଙ୍କ ଗାଆଁରେ ଘରଗୁଡ଼ିକ ବିକ୍ଷିପ୍ତ ଭାବରେ ତିଆରି ହୋଇଥାଏ। ଅବଶ୍ୟ ଏବେ ସେମାନେ ଗୋଟିଏ ଧାଡ଼ିରେ ଘର କରିବାକୁ ପସନ୍ଦ କଲେଣି । ଗାଆଁ ସୀମାରେ ଦେବଦେବୀଙ୍କର ଆସ୍ଥାନ ରହିଥାଏ। ପାହାଡ଼ ଓ ଜଙ୍ଗଲ ନିକଟରେ ଏମାନଙ୍କର ବସତି ଗଢ଼ିଉଠେ । ଲମ୍ବ ଓ ଉଚ୍ଚ ପଥରର ପାଚେରି ଗାଆଁ ଚାରିପଟେ ଘେରି ରହିଥାଏ। ଘରର ମୂଳଦୁଆ ଖୁବ୍ ଉଚ୍ଚ। ଛାତଗୁଡ଼ିକ ନୁଆଁଣିଆ। ପଥର ଯୋଡ଼ାଇ ହୋଇଥିବାରୁ କାନ୍ଥଗୁଡିକ ଖୁବ୍ ଶକ୍ତ। କାନ୍ଥଗୁଡିକ ନାଲି ରଙ୍ଗରେ ଲିପା ହୁଏ। ବାରଣ୍ଡାକୁ କଳା ରଙ୍ଗ ବୋଳି ଚିକ୍କଣ କରାଯାଇଥାଏ। ଘର ମଧ୍ୟକୁ ପ୍ରବେଶ କରିବାକୁ ଅଧିକାଂଶ ଘରେ ପଥରର ପାହାଚ ଥାଏ । ଘର





ଅଭ୍ୟନ୍ତରରେ ଗୋଟିଏ ମଞ୍ଚା ତିଆରି ହୋଇଥାଏ। ଏହା ଉପରେ ସମସ୍ତ ଘରକରଣା ଜିନିଷ ରଖାଯାଏ। ସେହି ଘର ଭିତରେ ରୋଷେଇ ସହିତ ଶୋଇବାର ବ୍ୟବସ୍ଥା ହୁଏ। ବାରଣ୍ଡାରେ ଧାନ କୁଟିବା ପାଇଁ ଢିଙ୍କି ଥାଏ । ଏହି ସ୍ଥାନ ସାଧାରଣ ସମୟରେ ଖାଇବା ତଥା ବସାଉଠା ନିମନ୍ତେ ବ୍ୟବହୃତ ହୁଏ । ଉଚ୍ଚ ପିଣ୍ଡା ଭିତରେ କୁକୁଡ଼ାଙ୍କ ନିମନ୍ତେ ଘର ତିଆରି ହୋଇଥାଏ।



ଲାଞ୍ଜିଆ ସଉରା ମୃତ୍ୟୁ ବରଣ କରିଥିବା ପୂର୍ବ ପୁରୁଷ ତଥା ବହୁ ଦେବଦେବୀଙ୍କ ଅସ୍ତିତ୍ୱରେ ବିଶ୍ୱାସ ରଖିଥାନ୍ତି। ପରିବାରରେ କୌଣସି



ବାଧକ ପଡ଼ିଲେ ସେମାନେ ସମନ (ଗୁଣିଆ)କୁ ଡାକି ନିରାକରଣ ବ୍ୟବସ୍ଥା କରାନ୍ତି । ସେମାନେ କାନ୍ଥରେ ଆଙ୍କୁଥିବା ଚିତ୍ର 'ଇଡ଼ିତାଲ୍' ନାମରେ ପରିଚିତ । ଚିତ୍ର ଦ୍ୱାରା ଦେବଦେବୀଙ୍କୁ ଆବାହନ କରାଯାଇଥାଏ । ଏହା ମାଧ୍ୟମରେ ସେମାନଙ୍କ ମାନସିକ ପୂରଣ ହୋଇଥାଏ ବୋଲି ଜନ ବିଶ୍ୱାସ ରହିଛି । ଏବେ ରାଜ୍ୟ ସରକାରଙ୍କ ସହଯୋଗରେ ଲାଞ୍ଜିଆ ସଉରାଙ୍କ ଚିତ୍ର ଇଡିତାଲ୍‌କୁ ଭୌଗୋଳିକ ଉପଦର୍ଶନ (ଜି.ଆଇ.) ଟ୍ୟାଗ୍ ପ୍ରମାଣପତ୍ର ପ୍ରାପ୍ତ ହୋଇଛି ।



ଲାଞ୍ଜିଆ ସଉରାମାନଙ୍କ ସାମାଜିକ ସଂଗଠନ ମଧ୍ୟ ଅଲଗା । ସେମାନଙ୍କ ପରିବାର ହେଉଛି ଗୋଟିଏ ବିରିନ୍ଦା (କୁଟୁମ୍ବ) । ବିରିନ୍ଦା ଭିତରେ ବିବାହ ନିଷେଧ । ବିରିନ୍ଦାର ଲୋକମାନେ ଗୁଆର, କାର୍ଯ୍ୟ ଭାଗ ନେଇଥାନ୍ତି । ସେମାନଙ୍କର ବିବାହ ପରମ୍ପରା ଖୁବ୍ ସରଳ । ତାଙ୍କ ସମାଜରେ ଅଧିକ ସଂଖ୍ୟକ ପ୍ରସ୍ତାବିତ ବିବାହ ପ୍ରଚଳିତ । ସେମାନଙ୍କ ସମାଜରେ


प्रारूप जी-2
Form G - 2

भारत सरकार — Government Of India
भौगोलिक उपदर्शन रजिस्ट्री — Geographical Indication Registry
माल के भौगोलिक उपदर्शन (रजिस्ट्रीकरण तथा संरक्षण) अधिनियम, 1999
Geographical Indication of Goods (Registration and Protection) Act, 1999
धारा 16(2) के अधीन भौगोलिक उपदर्शन के रजिस्ट्रीकरण का प्रमाणपत्र | Certificate of Registration of Geographical Indication under section 16 (2)

भौगोलिक उपदर्शन संख्या
Geographical Indication No.: 871

प्रमाणपत्र संख्या
Certificate No.: 547

प्रमाणित किया जाता है कि भौगोलिक उपदर्शन यह

के नाम से वर्ग में संख्या के अधीन दिनांक को

के संबंध में रजिस्टर में रजिस्ट्रीकृत किया गया है।

Certified that the Geographical Indication has been registered in the register in the name of **1. Idai Idital Association** at Post: Puttasingh, Block - Gunupur, District: Rayagada - 765 022, Odisha, India and **2. Directorate of Scheduled Castes & Scheduled Tribes Research and Training Institute (SCSTRTI)**, Advisor-cum-Director, Government of Odisha at CRPF Square, District: Bhubaneswar- 751 003, Odisha, India. Facilitated By: Textiles Committee, Ministry of Textiles.

in class 16, 20 & 25 under no. 871 as of the date 13.04.2022
in respect of **PAINTING OF LANJIA SAURA (IDITAL), ODISHA**
Falling in Class - 16, 20 & 25 - Painting

आज दिनांक को मेरे निदेश पर चेन्नई में मुद्रांकित किया गया।
Sealed at my direction this 02nd day of January, 2024 at Chennai.

भौगोलिक उपदर्शन रजिस्ट्री, चेन्नई
Geographical Indication Registry, Chennai

रजिस्ट्रार, भौगोलिक उपदर्शन
Registrar of Geographical Indication

ପୁରୁଷମାନେ ଏକାଧିକ ପତ୍ନୀ ଗ୍ରହଣ କରିବାର ପ୍ରଥା ବି ରହିଛି । ପରିବାରର ଆୟ ବୃଦ୍ଧିରେ ଲାଞ୍ଜିଆ ସଉରା ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥାଏ। ପରିବାରଗୁଡ଼ିକ ପିତୃକୈନ୍ଦ୍ରିକ। ପିଲାମାନେ ବାପା ମାଆମାନଙ୍କୁ ବିଭିନ୍ନ କାର୍ଯ୍ୟରେ ସାହାଯ୍ୟ କରନ୍ତି ଏବଂ ଆତ୍ମନିର୍ଭର ହେବାପାଇଁ ପ୍ରସ୍ତୁତ ହୁଅନ୍ତି।

ସେମାନେ ବଗଡ଼ (ପାହାଡ଼ରେ ମିଶ୍ରିତ କୃଷି) ଚାଷ କରିଥାନ୍ତି। ଅନ୍ୟ ସମୟରେ ଶିକାର କରନ୍ତି, ମାଛ ଧରନ୍ତି, ଶ୍ରମ କରନ୍ତି ଏବଂ ଜଙ୍ଗଲରୁ ବିଭିନ୍ନ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରନ୍ତି। ଲାଞ୍ଜିଆ ସଉରା ଗାଆଁମାନଙ୍କରେ ଖଜୁରୀ, ତେନ୍ତୁଳି, ପଣସ, ଆମ୍ବ, ମହୁଲ, ସୀତା ଫଳ, ଆତ ଓ ସଲପ ଆଦି ଗଛ ଯଥେଷ୍ଟ ପରିମାଣରେ ଦେଖିବାକୁ ମିଳେ। ସେମାନେ ବାଡ଼ି ବଗିଚାରେ କଖାରୁ, କାକୁଡ଼ି,



ସପୁରୀ, ଅଦା, କାଙ୍କଡ଼, କଦଳୀ ଆଦି ଚାଷ କରିଥାନ୍ତି । ଏବେ ଅନେକ ଲାଞ୍ଜିଆ ସଉରା ଶିକ୍ଷାଲାଭ କରି କୁଶଳୀ କାରିଗର ଭାବରେ ନିଜର ଦକ୍ଷତା ପ୍ରତିପାଦନ କରୁଛନ୍ତି । ବିଭିନ୍ନ ବୈଷୟିକ କାର୍ଯ୍ୟରେ ମଧ୍ୟ ଲାଞ୍ଜିଆ ସଉରାମାନେ ପାରଙ୍ଗମ ହେଲେଣି ।



ଧର୍ମଧାରଣା ଦ୍ୱାରା ଲାଞ୍ଜିଆ ସଉରାମାନଙ୍କର ଜୀବନ ଗତିଶୀଳ ହୋଇଥାଏ । ଅଦୃଶ୍ୟ ଶକ୍ତିକୁ ଶାନ୍ତ କରିବାପାଇଁ ସେମାନେ ଅନେକ ପର୍ବପର୍ବାଣି ଓ ଉତ୍ସବ ପାଳନ କରିଥାନ୍ତି । ଏହି ପର୍ବପର୍ବାଣି ଓ ଉତ୍ସବାନୁଷ୍ଠାନ ଅବସରରେ ବନ୍ଧୁବାନ୍ଧବ ଓ ଗ୍ରାମବାସୀମାନେ ଏକତ୍ରିତ ହୁଅନ୍ତି । ନାଚଗୀତ ସହିତ ଭୋଜିଭାତ ଭିତରେ ଭରପୁର ଆନନ୍ଦ ନେଇଥାନ୍ତି । ସେମାନେ ଭାରି କଳା ପ୍ରିୟ । ସେମାନଙ୍କ ପର୍ବପର୍ବାଣି ମଧ୍ୟରେ ଚୈତ୍ର-ବୈଶାଖ ମାସରେ ବାରୁସିମ୍ (ବଗଡ଼ ପୂଜା), ଆଷାଢ଼ ମାସରେ ଗାନୁଚାୟେ-ନା-ଆଦୁର, ରାଗୁ ନା ଆଦୁର (କାନ୍ଦୁଲ ନୂଆ ଖିଆ) ଇତ୍ୟାଦି ପ୍ରଧାନ ।

ସମୟ ବଦଳିବା ସହିତ ଲାଞ୍ଜିଆ ସଉରାମାନଙ୍କର ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଆସିଛି । ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ବିକାଶମୁଖୀ ଯୋଜନା ମାଧ୍ୟମରେ ସେମାନଙ୍କର ଉନ୍ନତି ପାଇଁ ଅନେକ ପଦକ୍ଷେପ ନିଆଯାଉଅଛି । 'ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା' ମାଧ୍ୟମରେ କୃଷି, ଯୋଗାଯୋଗ, ଶିକ୍ଷା ଆଦି କ୍ଷେତ୍ରରେ ସେମାନେ ବିଶେଷ ଭାବରେ ଉପକୃତ ହୋଇ ପାରୁଛନ୍ତି । ଫଳରେ ଶିକ୍ଷାର ପ୍ରଗତି ସହ ଅର୍ଥିକ ସ୍ଥିତିରେ ଉନ୍ନତି ଆସୁଛି । ଉପଯୁକ୍ତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଜନସଚେତନତା ଫଳରେ ଲାଞ୍ଜିଆ ସଉରାମାନଙ୍କ ଜୀବନଧାରା କ୍ରମେ ପରିବର୍ତ୍ତନ ହେଉଛି । ସଂପ୍ରତି ଅନେକ ଲାଞ୍ଜିଆ ସଉରା ଉଚ୍ଚ ଶିକ୍ଷା ପାଇ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ ହେଲେଣି ।



# ଚୁକ୍‌ଟିଆ ଭୁଞ୍ଜିଆ

ଓଡ଼ିଶାର ନୂଆପଡ଼ା ଜିଲ୍ଲା ଅନ୍ତର୍ଗତ କୋମନା ବ୍ଲକରେ ସୁନାବେଡ଼ା ଉପତ୍ୟକା ରହିଛି । ଏହା ସେହି ଅଞ୍ଚଳରେ ଗୁଡ଼ାଗଡ଼ ନାମରେ ପରିଚିତ । ଏହି ଉପତ୍ୟକାର ମୁଖ୍ୟ ଅଧିବାସୀ ହେଲେ ଚୁକଟିଆ ଭୁଞ୍ଜିଆ । ସେମାନେ ବିଶେଷଭାବରେ ଅନୁନ୍ନତ ଜନଜାତି ଭାବରେ ପରିଗଣିତ । ସେମାନେ ଭୁଞ୍ଜିଆମାନଙ୍କର ଏକ ଉପଗୋଷ୍ଠୀ । ୨୦୧୧ ଜନସୁମାରି ହିସାବରେ ଭୁଞ୍ଜିଆମାନଙ୍କ ସଂଖ୍ୟା ୧୧,୮୬୩ ଥିବାବେଳେ ତନ୍ମଧ୍ୟରୁ "ଚୁକଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା" ଅଞ୍ଚଳରେ ବସବାସ କରୁଥିବା ଚୁକଟିଆ ଭୁଞ୍ଜିଆଙ୍କ ସଂଖ୍ୟା ୩,୦୮୬ ।

ଚୁକଟିଆ ଭୁଞ୍ଜିଆମାନଙ୍କର ସ୍ୱତନ୍ତ୍ର ପରିଚୟ ହେଲା ସେମାନଙ୍କର ରୋଷେଇ ଘର । ଏହା 'ଲାଲ୍ ବଙ୍ଗଳା' ନାମରେ ପରିଚିତ । ଚୁକଟିଆ ଭୁଞ୍ଜିଆ ସ୍ତ୍ରୀ ଲୋକମାନେ ପ୍ରାୟତଃ ଧଳା ଲୁଗା ପିନ୍ଧିଥାନ୍ତି । ଘର ନିର୍ମାଣରେ ମଧ୍ୟ ଧଳା ରଙ୍ଗର ମାଟି ବିଶେଷ ଭାବରେ ବ୍ୟବହାର କରନ୍ତି । ପ୍ରତ୍ୟେକ ଘର ଚୂନ ରଙ୍ଗର ମାଟିରେ ଲିପା



ହୋଇଥାଏ । ଏମାନଙ୍କ ଘରେ ଖଟ ବା ପଲଙ୍କର ବ୍ୟବହାର ହୁଏ ନାହିଁ । ପୁରୁଷ, ସ୍ତ୍ରୀ ନିର୍ବିଶେଷରେ ସମସ୍ତେ ମାଟି ଚଟାଣରେ ଶୋଇବାର ପରମ୍ପରା ଅଦ୍ୟାବଧି ଚଳି ଆସୁଛି । ସ୍ତ୍ରୀଲୋକମାନଙ୍କୁ ନିଜ ସମାଜ ବାହାରୁ ଓ ଅନ୍ୟ ଦ୍ୱାରା ପ୍ରସ୍ତୁତ ହୋଇଥିବା ଖାଦ୍ୟ ଖାଇବାକୁ ବାରଣ କରାଯାଏ । ବାହାରକୁ ଗଲେ ମଧ୍ୟ ସେମାନେ ନିଜେ ରୋଷେଇ କରି ଖାଇଥାନ୍ତି । ଚୁକଟିଆ ଭୁଞ୍ଜିଆ ସମାଜରେ ଅନେକ କଠୋର ନୀତିନିୟମ ରହିଛି ।

ଏମାନଙ୍କ ସମାଜରେ ରୋଷେଇ ଘରକୁ ଏକ ପବିତ୍ର ସ୍ଥାନ ଭାବରେ ଗ୍ରହଣ କରାଯାଏ । ଯଦି ବାହାରର କୌଣସି ଲୋକ ଲାଲ୍ ବଙ୍ଗଲାକୁ ଛୁଇଁ ଦିଏ, ତେବେ ଚୁକୁଟିଆ ଭୁଞ୍ଜିଆମାନେ ତାକୁ ନିଆଁରେ ପୋଡ଼ି ଦେଇ ଆଉ ଗୋଟିଏ ନୂଆ ରୋଷେଇ ଘର ତିଆରି କରନ୍ତି । ଏଥିରୁ ସେମାନଙ୍କର କଠୋର ସାମାଜିକ ବ୍ୟବସ୍ଥା ବିଷୟରେ ଜଣାପଡ଼େ । ପ୍ରତ୍ୟେକ ସାମାଜିକ, ସାଂସ୍କୃତିକ ତଥା ଅର୍ଥନୈତିକ କାର୍ଯ୍ୟକ୍ରମରେ ଏମାନେ ସୁନାଦୀ ଦେବୀଙ୍କୁ ପୂଜା କରନ୍ତି । ଏମାନେ ଘୁଷୁରୀ, ମଇଁଷି ଅଥବା ଗୋରୁ ମାଂସ ଖାଆନ୍ତି ନାହିଁ ।








ସେମାନେ ଖୁବ୍ ପରିଶ୍ରମୀ । ଉଭୟ ପୁରୁଷ ଓ ସ୍ତ୍ରୀ ଚାଷକର୍ମୀ, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ତଥା ଅନ୍ୟାନ୍ୟ କଳା କାରିଗରୀରେ ବେଶ୍ କୁଶଳୀ । ଚୁକ୍‌ଟିଆ ଭୁଞ୍ଜିଆମାନେ ମୁଖ୍ୟତଃ ଧାନ ଚାଷ କରିଥାନ୍ତି । ଜଙ୍ଗଲରୁ ମହୁଲ, ଚାର, ଟୋଲ, କେନ୍ଦୁ, ହରିଡ଼ା, ବାହାଡ଼ା, ଅଁଳା ଓ କନ୍ଦମୂଳ ଇତ୍ୟାଦି ସଂଗ୍ରହ କରିଥାନ୍ତି । କେନ୍ଦୁପତ୍ର, ଶାଳ ପତ୍ର, ଶିଆଳି ପତ୍ର ବିକ୍ରିରୁ ମଧ୍ୟ କିଛି ରୋଜଗାର ହୋଇଥାଏ । ଅନେକ ଚୁକ୍‌ଟିଆ ଭୁଞ୍ଜିଆ ପରିବାର ବାଉଁଶରୁ ଘରକରଣା ଜିନିଷ ପ୍ରସ୍ତୁତ କରିଥାନ୍ତି ।

ଏମାନଙ୍କର ସାମାଜିକ ଚଳଣି ଖୁବ୍ ମୌଳିକ । ପିଲାଟିଏ ଜନ୍ମ ହେଲେ ସାତ ଦିନରେ ଷଷ୍ଠୀ ପାଳିତ ହୁଏ । ପିଲାଟି ଲାଲବଙ୍ଗଲା ଭିତରକୁ ପଶିବାକୁ ଉପଯୁକ୍ତ ହେବାପରେ ଯାଇ ତା'ର ଗୃହ ପ୍ରବେଶ ହୋଇଥାଏ । ପିଲା ଜନ୍ମର ବାର ଦିନରେ ବରେହି । ବାର ଦିନିଆ ସୂତିକିଆ ପରେ ମାଆ ଲାଲ୍ ବଙ୍ଗଲାରେ ରୋଷେଇ କରିବାକୁ ଅନୁମତି ପାଏ । ବାର-ତେର ବର୍ଷରେ କଣାବରା ବିବାହ କରାଯାଏ । ତୀର ସହିତ ଅପ୍ରାପ୍ତବୟସ୍କା ଝିଅର ବିବାହ କରାଯିବାକୁ କଣାବରା କୁହାଯାଏ । କଣାବରା ପରେ ଝିଅ ବିବାହ ପାଇଁ ଯୋଗ୍ୟା ହୋଇଥାଏ । ଦୁଆର କୁନ୍ଦେନ୍, ମାଗେନ୍ ଇତ୍ୟାଦି ପରମ୍ପରା ପାଳନ ପରେ ବିବାହ କାର୍ଯ୍ୟ ଆରମ୍ଭ ହୋଇଥାଏ । ପ୍ରସ୍ତାବିତ ବିବାହ ଛଡ଼ା ପଇସା ମୁଡ଼ି, ଉଦ୍‌ଲିଆ, ଘିଚା କନିଆ, ଘରଜୋଇଁ ଇତ୍ୟାଦି ପ୍ରଥା ମଧ୍ୟ କାଁ ଭାଁ ପ୍ରଚଳିତ ରହିଛି ।



ଚୁକଟିଆ ଭୁଞ୍ଜିଆ ସଂପ୍ରଦାୟର ବ୍ୟକ୍ତିଙ୍କ ମୃତ୍ୟୁରେ ଜ୍ଞାତି କୁଟୁମ୍ବ ଓ ବନ୍ଧୁବାନ୍ଧବଙ୍କୁ ଡାକି ଶବ ସତ୍କାର କରାଯାଇଥାଏ । ଏମାନେ ଶବକୁ ପୋଡି ନ ଦେଇ ମାଟିତଳେ ପୋତି ଥାଆନ୍ତି । ମୃତ୍ୟୁର ତିନି ଦିନ ପରେ ପାଏନ୍ ମିଲା କରନ୍ତି । ଏହା ମୃତ ବ୍ୟକ୍ତିଙ୍କ ଦଶ କର୍ମ ହିସାବରେ ପରିଚିତ । ଏହି ପରମ୍ପରାରେ ମୃତ ଲୋକର ଆତ୍ମା (ଡୁମା)କୁ ଘରକୁ ନିମନ୍ତ୍ରଣ କରି ପୂଜା କରାଯାଏ । ଏହି ଡୁମା ଆଣିବା ପ୍ରକ୍ରିୟାକୁ 'ବୁଡ଼୍' କୁହାଯାଏ । ଗୋଟିଏ ନୂଆ ମାଟି ହାଣ୍ଡିରେ ମୋଡ଼୍ ଆସ୍ଥାନ ତିଆରି କରାଯାଏ । ମୋଡ଼୍ ମାଧ୍ୟମରେ ମୃତ ଲୋକର ଆତ୍ମା ଘରକୁ ଆସିଥାଏ । ଡୁମାଙ୍କୁ ପୂଜା ଉପଚାର କରି ଲାଲ୍‌ବଙ୍ଗଲାରେ ରଖାଯାଏ ।

ବାରମାସରେ ତେର ଯାତ ପରି ଚୁକଟିଆ ଭୁଞ୍ଜିଆମାନେ ଅନେକ ପର୍ବପର୍ବାଣି ପାଳନ କରିଥାଆନ୍ତି । ଏମାନେ ଉତ୍ସବଗୁଡ଼ିକୁ ଆଡମ୍ବର ସହକାରେ ପାଳନ କରନ୍ତି । ସେମାନେ ଅନେକ ଦେବଦେବୀଙ୍କୁ ପୂଜା କରନ୍ତି । ସୁନାବେଡ଼ା ଉପତ୍ୟକା ଦେବଦେବୀଙ୍କ ଗଡ଼ କହିଲେ ଚଳେ । ଏମାନଙ୍କର ମୁଖ୍ୟ ଦେବୀ ହେଉଛନ୍ତି 'ସୁନାଦୀ' । ଏତଦ୍ ଭିନ୍ନ ମାନିଆ ବୁଢ଼ା ଦେବତା, ବଡ ମାଈଦେବୀ, ପାଟଗୁରୁ, କନାଭଏଁରା, ଧରନୀ ଦେବୀ, ଗଡ଼ମାଇଁ ଦେବୀ, ମଣ୍ଡଳ, ବୁଢ଼ା ରଜା, କେଛ, ବୀରକାଛେନ୍, ଠାକୁରଦେଓ ଇତ୍ୟାଦି ଦେବଦେବୀ ମଧ୍ୟ ରହିଛନ୍ତି । ସମସ୍ତଙ୍କ ପାଇଁ ଭିନ୍ନ ଭିନ୍ନ ଉତ୍ସବ ପାଳନ କରାଯାଏ । ଉତ୍ସବଗୁଡ଼ିକ ମୁଖ୍ୟତଃ କୃଷିଭିତ୍ତିକ । କୃଷି ପର୍ବ ଆରମ୍ଭ ହୁଏ ଶ୍ରାବଣ ମାସର ହରୁଆଳି ଉଆଁସ ଠାରୁ । ଏହା ଶ୍ରାବଣ ଅମାବାସ୍ୟାରେ ପାଳିତ ହୁଏ । ଏହି ଦିନ ସମସ୍ତ ଦେବଦେବୀଙ୍କୁ ଶ୍ରଦ୍ଧାର ସହ ପୂଜା କରାଯାଏ । ପରେପରେ ପୋରା ଉଆଁସ, ଶ୍ରାବଣ ପୂର୍ଣ୍ଣିମା ବା ଦେବତା ନୂଆଁ । ଏହା ପରେ ଭାଦ୍ରବ ମାସରେ ନୂଆଖାଇ ପାଳନ କରାଯାଏ । ଆଶ୍ୱିନ ମାସରେ ସୁନାଦୀ ଯାତ୍ରା ଓ କାର୍ତ୍ତିକ ମାସରେ ଠାକୁର ଯାତରା ପାଳିତ ହୁଏ । ଛେରଛେରା ଉତ୍ସବ (ପୁଷପୁନି) ହେଉଛି ବାର୍ଷିକ କୃଷି ଚକ୍ରର ଶେଷ ପର୍ବ । ବସନ୍ତ ଋତୁ ଆରମ୍ଭରେ ଓ ମହୁଲ ସଂଗ୍ରହ କରିବା ପୂର୍ବରୁ ମହୁଲ ଯାତରା





ଉତ୍ସବର ଆୟୋଜନ କରାଯାଏ । ବର୍ଷର ଶେଷ ବେଳକୁ ଚୈତ୍ର ମାସରେ ଚଇତ ଯାତ୍ରା ବା ବିହନ ଛିନା ଯାତରା ଅନୁଷ୍ଠିତ ହୁଏ । ପ୍ରତ୍ୟେକ ପର୍ବପର୍ବାଣି ସହିତ ନାଚ ଗୀତର ଆସର ଜମିଥାଏ । ଯୁବକ ଯୁବତୀମାନେ ବିଭିନ୍ନ କୌତୁକିଆ ଗୀତରେ ନୃତ୍ୟ ପରିବେଷଣ କରିଥାଆନ୍ତି ।



ଚୁକଟିଆ ଭୁଞ୍ଜିଆମାନେ ପରିବର୍ତ୍ତନ ସହିତ ତାଳ ଦେଇ ଚାଲିଛନ୍ତି । ପରମ୍ପରା ଓ ପ୍ରଗତିର ଏକ ଚମତ୍କାର ସମନ୍ୱୟ ଏମାନଙ୍କ ସମାଜରେ ପରିଲକ୍ଷିତ ହେଉଛି । ଆଧୁନିକତା ଅନୁସାରେ ଏମାନେ ପରମ୍ପରା ପ୍ରତି ବିମୁଖ ହୋଇ ନାହାନ୍ତି । ସମୟ ସହିତ ତାଳଦେଇ ଏମାନଙ୍କର ସଭ୍ୟତା ଓ ସାଂସ୍କୃତିକ ଜୀବନ ମଧ୍ୟ ଚଳଚଞ୍ଚଳ ହୋଇଚାଲିଛି । ସରକାରଙ୍କ ପକ୍ଷରୁ ସୁନାବେଢ଼ାଠାରେ 'ଚୁକ୍‌ଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା' ଖୋଲାଯାଇ ବିକାଶ ପାଇଁ କାର୍ଯ୍ୟ କରାଯାଉଛି । ଏହା ଦ୍ୱାରା ଏହି ଜନଜାତି ବିଶେଷତଃ ମହିଳାମାନେ ଶିକ୍ଷିତା ଓ ସ୍ୱାବଲମ୍ବୀ ହେବା ସହ ପାରମ୍ପରିକ ପ୍ରଥାଗୁଡ଼ିକୁ ମାର୍ଜିତ କରିବାରେ ଲାଗିଛନ୍ତି ।



# ଜୁଆଙ୍ଗ

ଓଡିଶାର ତେର ପ୍ରକାରର ବିଶେଷଭାବରେ ଅନୁନ୍ନତ ଜନଜାତି ମଧ୍ୟରୁ 'ଜୁଆଙ୍ଗ' ଅନ୍ୟତମ। କେନ୍ଦୁଝର ଜିଲ୍ଲାର ବାଂଶପାଳ ବ୍ଲକ ଅନ୍ତର୍ଗତ ଗୋନାସିକା ଏମାନଙ୍କର ଜନ୍ମସ୍ଥାନ। ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ, ଗଁନ୍ଦିଆ, କଙ୍କଡ଼ାହାଡ଼ ଓ କାମାକ୍ଷାନଗର ଅଞ୍ଚଳରେ ମଧ୍ୟ କେତେକ ଜୁଆଙ୍ଗ ପରିବାର ବସବାସ କରନ୍ତି। ସେମାନଙ୍କ ଭାଷାରେ ଜୁଆଙ୍ଗର ଅର୍ଥ ହେଉଛି 'ଋଷି ପୁତ୍ର' । ଋଷି ଦମ୍ପତ୍ତିଙ୍କ ଠାରୁ ଏମାନେ ଜନ୍ମ ଗ୍ରହଣ କରିଛନ୍ତି ବୋଲି ଲୋକକଥା ରହିଛି। ପୁଣ୍ୟତୋୟା ବୈତରଣୀ ନଦୀର ଉତ୍ପତ୍ତି ସ୍ଥଳ ସହିତ ଏମାନେ ସମ୍ପର୍କିତ । ସାହିତ୍ୟ ଓ ପୁରାଣରେ ଏମାନଙ୍କୁ "ପର୍ଣ୍ଣ ଶବର"ଭାବେ ଉଲ୍ଲେଖ କରାଯାଇଅଛି। ଏମାନଙ୍କର ଭାଷା ଜୁଆଙ୍ଗ। ଆଜିକାଲି ଓଡ଼ିଆ ଭାଷାକୁ ଏମାନେ ଆପଣେଇ ନେଲେଣି। ୨୦୧୧ ଜନଗଣନା ଅନୁଯାୟୀ ଓଡିଶାରେ ଜୁଆଙ୍ଗମାନଙ୍କ ଜନସଂଖ୍ୟା ୪୭,୦୯୫ । ଦୁଇଟି ଅଣୁଯୋଜନା ଅଞ୍ଚଳରେ ବସବାସ କରୁଥିବା ଜୁଆଙ୍ଗମାନଙ୍କର ସଂଖ୍ୟା ୩୫,୨୮୬। ପ୍ରକଳ୍ପ ଅଞ୍ଚଳରେ ଜୁଆଙ୍ଗମାନଙ୍କୁ ବିଶେଷଭାବରେ



ଅନୁନ୍ନତ ଜନଜାତି ସମୁଦାୟ ହିସାବରେ ଚିହ୍ନଟ କରାଯାଇଛି । ଏମାନେ ଦୁଇଟି ଶାଖାରେ ବିଭକ୍ତ । ଯେଉଁମାନେ ମୂଳ ନିବାସୀ, ସେମାନେ 'ଥାନିଆ' ନାମରେ ନାମିତ ଓ ଯେଉଁମାନେ ମୂଳସ୍ଥାନ ଛାଡ଼ି ଅନ୍ୟତ୍ର ବାସ କରୁଛନ୍ତି ସେମାନଙ୍କୁ 'ଭାଗୁଡ଼ିଆ' କୁହାଯାଏ ।

ଜୁଆଙ୍ଗମାନଙ୍କର ପ୍ରତ୍ୟେକ ଗ୍ରାମ ସାଧାରଣତଃ ଗୋଟିଏ କୁଳ ବା ବଂଶକୁ ନେଇ ଗଢି ଉଠିଥାଏ । ଏହାକୁ କୁଟୁମ୍ବ କୁହାଯାଏ । ନିଜ କୁଟୁମ୍ବ ଭିତରେ ପୁଅ ଝିଅଙ୍କ ବିବାହ ନିଷେଧ । ଜଣେ ଗ୍ରାମ ମୁଖିଆ ବା ପ୍ରଧାନଙ୍କ ନିର୍ଦ୍ଦେଶରେ ଗ୍ରାମ ପରିଚାଳିତ ହୋଇଥାଏ । ଏହି ସମାଜରେ ମୁଖ୍ୟତଃ ପ୍ରସ୍ତାବିତ ବିବାହ ଦେଖା ଯାଇଥାଏ । ତେବେ ଝିକା, ଧରି ପଳା ବିବାହ ମଧ୍ୟ ପ୍ରଚଳିତ ରହିଛି ।





ଜୁଆଙ୍ଗମାନେ ପୂର୍ବରୁ ପୋଡୁଚାଷ ଉପରେ ନିର୍ଭରକରୁଥିଲେ । ସେମାନେ ଜଙ୍ଗଲରେ ଶିକାର କରିବା ସହିତ ଲଘୁବନଜାତ ଦ୍ରବ୍ୟ ମଧ୍ୟ ସଂଗ୍ରହ କରିଥାନ୍ତି । ଏବେ ଧାନ ଇତ୍ୟାଦି ଚାଷ ପାଇଁ ମନ ଦେଲେଣି । ଅନେକ ଶ୍ରମଜୀବୀ ଭାବରେ ତଥା ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୋଇ ପରିବାର ପ୍ରତିପୋଷଣ କରୁଛନ୍ତି । ସ୍ଥାନୀୟ ଅଞ୍ଚଳରେ ଉପଲବ୍ଧ ଖାଦ୍ୟ ଖାଇ ସେମାନେ ଜୀବନଯାପନ କରିଥାଆନ୍ତି । ସେମାନଙ୍କ ପ୍ରଧାନ ଖାଦ୍ୟ ହେଉଛି ଭାତ । ଏହା ସହିତ ଅନ୍ୟାନ୍ୟ ଉତ୍ପାଦିତ ଏବଂ ଜଙ୍ଗଲରୁ ମିଳୁଥିବା ବିଭିନ୍ନ ଋତୁକାଳୀନ ଫଳ, ମୂଳ, ପତ୍ର, ଛତୁ ଖାଇଥାନ୍ତି । ଝରଣା ଓ ନଦୀରୁ ମାଛ ଧରି ମଧ୍ୟ ଖାଇଥାଆନ୍ତି । ଏତଦ୍‌ବ୍ୟତୀତ ନିଜ ବାଡ଼ିରୁ ଉତ୍ପାଦିତ ସାରୁ, କଖାରୁ, ଝୁଡ଼ଙ୍ଗ ଓ କନ୍ଦମୂଳ ଇତ୍ୟାଦି ସେମାନଙ୍କ ଦୈନିକ ଖାଦ୍ୟ ତାଲିକାରେ ସ୍ଥାନ ପାଇଥାଏ ।

ଜୁଆଙ୍ଗମାନେ ଖୁବ୍ ସରଳ । ବୟୋଜ୍ୟେଷ୍ଠ ପୁରୁଷ ବ୍ୟକ୍ତି ହେଉଛନ୍ତି ଘରର ମୁରବୀ । ଗୋଟିଏ ବଖୁରିକିଆ ଘର ମଧ୍ୟରେ ଶୋଇବା, ରୋଷେଇ କରିବା ଠାରୁ ଜିନିଷ ପତ୍ର ସାଇତି ରଖିବା ଇତ୍ୟାଦି ସମସ୍ତ କାର୍ଯ୍ୟ କରାଯାଇଥାଏ । ପ୍ରତି ଜୁଆଙ୍ଗ ଗାଁ ମଝିରେ ରହିଥାଏ 'ମଜାଙ୍ଗ' ବା ମଣ୍ଡଘର । ଅବିବାହିତ ପୁଅମାନେ



ସାଧାରଣତଃ ମଜାଙ୍ଗରେ ବସାଉଠା କରନ୍ତି । ତେବେ ବୟସ୍କମାନେ ମଧ ଏଠି ବୈଠକ ଆଦି କରିଥାନ୍ତି । ସେମାନେ ଜୀବନ ବଞ୍ଚିବାର ସମସ୍ତ କଳା ଏଇଠୁ ଶିଖନ୍ତି । ଗାଁ ମଝିରେ ପ୍ରଶସ୍ତ ଅଗଣା ବିଶିଷ୍ଟ ଏଇ ସୁନ୍ଦର ଘରଟିରେ ଧୂନି ଅହରହ ଜଳୁଥାଏ । ଏଠାରେ ଗୀତ, ଗପ, ଅଙ୍ଗେ ନିଭା କାହାଣୀ, ଘର ପରିବାର କଥା, ଚାଷବାସ କଥା, ପୁନେଇଁ ପରବ କଥା ଇତ୍ୟାଦି ବିଭିନ୍ନ ବିଷୟରେ ଆଲୋଚନା ହୁଏ । ପିଲାଏ ବଡ଼ମାନଙ୍କଠାରୁ ସମାଜ, ସଂସ୍କୃତି କଥା ଶୁଣନ୍ତି, ଶିଖନ୍ତି ଏବଂ ତଦନୁରୂପ ନିଜକୁ ଗଢ଼ନ୍ତି । ବିଭିନ୍ନ ସମୟରେ ଏଠି ନାଚଗୀତର ପରିବେଶ ମଧ୍ୟ ସୃଷ୍ଟି ହୁଏ । ମଜାଙ୍ଗ ଗୋଟିଏ ଅନୁଷ୍ଠାନ; ଭାବ ଆଦାନ ପ୍ରଦାନର ଏକ ଶିକ୍ଷା ମନ୍ଦିର କହିଲେ ଚଳେ ।



ଜୁଆଙ୍ଗମାନେ କଳାପ୍ରେମୀ । ଘର ସାଜସଜ୍ଜାକୁ ଦେଖିଲେ ସେମାନଙ୍କର ସୌନ୍ଦର୍ଯ୍ୟଜ୍ଞାନ ଜାଣି ହୁଏ । ମଜାଙ୍ଗର ନିର୍ମାଣଶୈଳୀ ମଧ ସ୍ୱତନ୍ତ୍ର । ନିଜସ୍ୱ ଶୈଳୀରେ ଯୁବକଯୁବତୀମାନେ ମଜାଙ୍ଗ ତିଆରି କରିଥାଆନ୍ତି । ସେମାନଙ୍କ କଳା କୁଶଳତାର ଆଉ ଏକ ନିଖୁଣ ପରିଚୟ ହେଉଛି ପାନିଆ । ଏହା ବାଉଁଶ ଓ ନମନୀୟ କାଠରେ ସୂକ୍ଷ୍ମ କାରୁକାର୍ଯ୍ୟ ଥାଇ ତିଆରି ହୋଇଥାଏ । ପୁଅ ପିଲାଟିଏ ବନ୍ଧୁଘର ଝିଅ ପାଇଁ ନିଜର ସମସ୍ତ ଦକ୍ଷତା ଓ କୌଶଳ ଖଟାଇ ପାନିଆ ତିଆରି କରେ । ଏହି କାଠ ପାନିଆକୁ ଝିଅଟି ଶ୍ରଦ୍ଧାରେ ଗ୍ରହଣ କଲେ ତାହା ବୈବାହିକ ସମ୍ପର୍କରେ ପରିଣତ ହୁଏ । ଏହି ପାନିଆ ପ୍ରାୟତଃ ତିନି ପ୍ରକାରର ହୋଇଥାଏ । ପ୍ରଥମଟି ଏକମୁଖୀ,ଏହାର ଗୋଟିଏ ପାଖରେ ଦାନ୍ତ ଥାଏ ଏବଂ ଅପର ପାର୍ଶ୍ୱରେ ପୁରୁଷ ଓ ସ୍ତ୍ରୀର ଚିତ୍ର ଖୋଦିତ












ହୋଇଥାଏ । ଦ୍ୱିତୀୟ ପ୍ରକାର ପାନିଆଟି ଦ୍ୱିମୁଖୀ । ତୃତୀୟଟି ଏକମୁଖୀ ହେଲେ ମଧ୍ୟ ଏଥିରେ କାରୁକାର୍ଯ୍ୟଭରା ବେଣ୍ଟଟିଏ ଲାଗିଥାଏ ।

ଜୁଆଙ୍ଗ ଗାଁର ମଜାଙ୍ଗ ଆଗରେ ଗାଇଁସିରୀ (ଗ୍ରାମଶ୍ରୀ) ଠାକୁରାଣୀଙ୍କ ଆସ୍ଥାନ ଦୃଷ୍ଟିଗୋଚର ହୁଏ । ସବୁ କାର୍ଯ୍ୟରେ ଗାଇଁସିରୀଙ୍କ ନିକଟରେ ଦେହୁରି ପୂଜା ଅର୍ଚ୍ଚନା କରି ଶୁଭ ମନାସି ଥାଆନ୍ତି । ମଜାଙ୍ଗରେ ଗାଁ ଓ ପରିବାରର ମୁଖିଆମାନେ ସମବେତ ହୋଇ ପୋଡୁ ଏବଂ ଅନ୍ୟାନ୍ୟ ଚାଷରୁ କିପରି ଭଲ ଫସଲ ହେବ ତା'ଉପରେ ଚର୍ଚ୍ଚା କରିଥାଆନ୍ତି ।

ଜୁଆଙ୍ଗମାନେ ନୃତ୍ୟପ୍ରିୟ । ସମସ୍ତ ସାମାଜିକ ବିଧିବିଧାନ ପାଳନ ଅବସରରେ ସେମାନେ ନୃତ୍ୟ ପରିବେଷଣ କରିଥାଆନ୍ତି । ପରିବେଶରେ ପଶୁପକ୍ଷୀଙ୍କ ଚାଲିବା ଓ ଧାଇଁବା ଢଙ୍ଗରେ ଜୁଆଙ୍ଗମାନେ ନୃତ୍ୟ ପରିବେଶଣ କରିଥାନ୍ତି । ମଜାଙ୍ଗ ଆଗରେ ନାଚିବା ଏକ ସାଧାରଣ ଘଟଣା । ଚାଙ୍ଗୁ ବାଜିଲେ ଯିଏ ଯେଉଁଠି ଥାଉ; ଆଖଡ଼ାରେ ଭିଡ଼ ଜମାନ୍ତି । ପୁରୁଷମାନେ ଚାଙ୍ଗୁ ବଜାଉଥିବାବେଳେ ମହିଳାମାନେ ନୃତ୍ୟ କରିଥାଆନ୍ତି । ମାଘ ମାସରେ ମାଘପୁଡ଼ା, ମକର, ଚୈତ୍ର ମାସରେ ଚଇତି ପରବ, ବୈଶାଖ ମାସରେ ନୂଆ ଆମ୍ବ ଖିଆ, ଆଷାଢ଼ ମାସରେ ଟୁସୁ ପର୍ବ ଅବସରରେ ଏମାନଙ୍କର ନାଚଗୀତ ବେଶ୍ ଆମୋଦକର । ଶୃଙ୍ଗାରଧର୍ମୀ ଗୀତରେ ଶରୀରକୁ ଆଗକୁ



ନୂଆଇଁ, ଚାଙ୍ଗୁ ସମ୍ମୁଖରେ ଆଗକୁ ପଛକୁ ପାଦ ପକାଇ, ଅର୍ଦ୍ଧ ଗୋଲାକାର ଧାଡ଼ିରେ ଏମାନେ ନୃତ୍ୟ ପରିବେଷଣ କରିଥାଆନ୍ତି ।



ଜୁଆଙ୍ଗମାନେ ଏବେ ସମାଜର ବିକାଶ ବ୍ୟବସ୍ଥା ସହିତ ପରିଚିତ ହେଲେଣି । ଶିକ୍ଷା ଓ ଗମନାଗମନର ସୁବିଧା ଯୋଗୁଁ ସେମାନେ ଅନେକ ସରକାରୀ ଯୋଜନାରେ ସାମିଲ ହେଉଛନ୍ତି । ସରକାରଙ୍କ ପକ୍ଷରୁ ଗୋନାସିକା ଠାରେ "ଜୁଆଙ୍ଗ ଉନ୍ନୟନ ସଂସ୍ଥା" ଖୋଲାଯାଇଛି । ଜୁଆଙ୍ଗମାନେ ଏହି ଉନ୍ନୟନ ସଂସ୍ଥା ମାଧ୍ୟମରେ ଶିକ୍ଷା, ଯୋଗାଯୋଗ, ଉନ୍ନୟନ, କୃଷି ଓ ଅନ୍ୟାନ୍ୟ ବିକାଶମୂଳକ ସୁବିଧା ସୁଯୋଗ ହାସଲ କରୁଛନ୍ତି । ଏମାନେ କର୍ମମନସ୍କ ହୋଇ ସମାଜର ମୁଖ୍ୟସ୍ରୋତ ସହିତ ଯୋଡ଼ିହେବାରେ ଲାଗିଛନ୍ତି । ଗୋନାସିକା ଅଞ୍ଚଳରେ ଜୁଆଙ୍ଗ ମାନଙ୍କୁ ଦେଖିଲେ ମନେହେବ ଯେ ନିଜର ସଂସ୍କୃତି ଓ ପରଂପରା ମଧ୍ୟରେ ପ୍ରକୃତିର କୋଳରେ ଉନ୍ନତି ପଥରେ ଆଗେଇ ଚାଲିଛନ୍ତି ।





# ସଉରା

ସଉରାମାନେ ହେଉଛନ୍ତି ଭାରତର ଅନ୍ୟତମ ପୁରାତନ ଜନଜାତି । ବିଭିନ୍ନ ପୁରାଣ ଶାସ୍ତ୍ରରେ ସଉରାମାନଙ୍କ ସମ୍ପର୍କରେ ଆଲୋଚନା ଦେଖିବାକୁ ମିଳିଥାଏ । ଶ୍ରୀଜଗନ୍ନାଥ ପରମ୍ପରା ପ୍ରତି ସଉରାମାନଙ୍କର ଅବଦାନ ରହିଛି । ସଉରାମାନେ ଓଡ଼ିଶାର ଗଜପତି, ରାୟଗଡ଼ା, ବରଗଡ଼, ବଲାଙ୍ଗୀର ସମେତ ଅନ୍ୟାନ୍ୟ ଜିଲ୍ଲାମାନଙ୍କରେ ବିକ୍ଷିପ୍ତ ଭାବରେ ବସବାସ କରନ୍ତି । ଓଡ଼ିଶା ବ୍ୟତୀତ ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ତଥା ଉତ୍ତରପୂର୍ବ ଭାରତର ଅନେକ ଅଞ୍ଚଳରେ ଏମାନେ ବସବାସ କରି ଆସୁଛନ୍ତି । ୨୦୧୧ ମସିହା ଜନଗଣନା ଅନୁଯାୟୀ ଓଡ଼ିଶାରେ ସଉରାମାନଙ୍କର ସଂଖ୍ୟା ପାଖାପାଖି ପାଞ୍ଚ ଲକ୍ଷ ଥିଲା । ତନ୍ମଧ୍ୟରୁ, ବିଶେଷଭାବରେ ଅନୁନ୍ନତ ଜନଜାତି ସମୁଦାୟ ହିସାବରେ ଅଣ୍ଡୁ ପ୍ରକଳ୍ପ ଅଞ୍ଚଳରେ ସଉରାଙ୍କ ସଂଖ୍ୟା ୨୯,୪୦୭ ।



ସଉରାମାନଙ୍କର ଅନେକ ପ୍ରଭାଗ ରହିଛି ଯଥା- ସଉରା, ଶବର, ଲାଞ୍ଜିଆ ସଉରା, ସହରା, ବେଣ୍ଟୁ ଶବର, ଆର୍‌ସି ଶବର, ଜୁରାଇ ଶବର, ବେଣ୍ଟ ଶବର, କିଣ୍ଡାଲ ଶବର ଇତ୍ୟାଦି। ଏମାନଙ୍କ ମଧ୍ୟରେ ସଉରା ଓ ଲାଞ୍ଜିଆ ସଉରାଙ୍କୁ ବିଶେଷଭାବରେ ଅନୁନ୍ନତ ଜନଜାତି ଗୋଷ୍ଠୀ ରୂପେ ଭାରତ ସରକାର ମାନ୍ୟତା ପ୍ରଦାନ କରିଅଛନ୍ତି।

ସଉରା ଏବଂ ଲାଞ୍ଜିଆ ସଉରାମାନଙ୍କ ମଧ୍ୟରେ ବିଶେଷ କିଛି ପାର୍ଥକ୍ୟ ପରିଲକ୍ଷିତ ହେଉନଥିଲେ ମଧ୍ୟ, ବେଶଭୂଷାରେ ସଉରାମାନେ, ଲାଞ୍ଜିଆ ସଉରାମାନଙ୍କ ଠାରୁ ଭିନ୍ନ। ଲାଞ୍ଜିଆ ସଉରା ପୁରୁଷମାନେ ଗୋଟିଏ ଲମ୍ବା ଏବଂ ଅଣ ଓସାରିଆ ଲୁଗାକୁ ଅଣ୍ଟାରେ ଗୁଡ଼ାଇଥାନ୍ତି। ତାହାର ଗୋଟିଏ ଅଂଶ ଆଗକୁ ଏବଂ ଅନ୍ୟ ଅଂଶଟି ପଛକୁ ଲାଞ୍ଜ ପରି ଝୁଲାଇଥାନ୍ତି। ମାତ୍ର ସଉରା ପୁରୁଷମାନେ ସାଧାରଣ ଧୋତି ପରିଧାନ କରିଥାଆନ୍ତି। ସଉରା ମହିଳାମାନେ ଧୂସର ଓ ନାଲି ଧଡିଥିବା ଅଣଓସାରିଆ ମୋଟା କପଡାକୁ ଅଣ୍ଟାରେ ଗୁଡାଇ ପନ୍ଧନ୍ତି। ଏହା ପ୍ରାୟ ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବିଥାଏ। ଅଣ୍ଟା ପାଖରୁ ଶରୀରର ଉପର ଅଂଶକୁ ଆଉ ଖଣ୍ଡେ କପଡ଼ାରେ ଆବୃତ କରିଥାଆନ୍ତି । ଏବେ ସେମାନଙ୍କ ମଧ୍ୟରେ ଶାଢ଼ିର ବ୍ୟବହାର ବୃଦ୍ଧି ପାଇଛି। ଏମାନେ





ବେଶି ଅଳଙ୍କାର ପ୍ରିୟ ନ ହେଲେ ମଧ୍ୟ, ବେକରେ କଣ୍ଠିମାଳି ଓ ଗୋଟିଏ ଦୁଇଟି ଆଲୁମିନିୟମ୍ ବା ପିତ୍ତଳର ମାଳି ପିନ୍ଧନ୍ତି । ନାକରେ ନାକଫୁଲ ଏବଂ କାନରେ କାନଫୁଲ ପିନ୍ଧିଥାଆନ୍ତି । ଏବେ ସ୍ଥାନୀୟ ବଜାରରୁ ବିଭିନ୍ନ ଅଳଙ୍କାର କିଣି ଗୋଡରେ ପିନ୍ଧିଲେଣି ।

ସଉରାମାନେ ମୁଖ୍ୟତଃ ଗଜପତି ଜିଲ୍ଲାର ନୂଆଗଡ଼, ମୋହନା, ରାୟଗଡ଼ ବ୍ଲକ ଏବଂ ଗଞ୍ଜାମର ପାତ୍ରପୁର ବ୍ଲକ ଅଧିନସ୍ଥ ଥୁମ୍ବା ଅଞ୍ଚଳରେ ଦେଖାଯାଆନ୍ତି । ଅଧିକାଂଶ ସଉରା ଗାଆଁମାନଙ୍କରେ ଅନେକ ଧାଡ଼ିକିଆ ଘର ଦୃଶ୍ୟମାନ ହୋଇଥାଏ । ଏହା କନ୍ଧ ବସତି ପରି ପ୍ରତୀତ ହୁଏ । ଗାଁ ସୀମାରେ ଦେବଦେବୀଙ୍କର ଆସ୍ଥାନ ଥାଏ । ଦେବଦେବୀଙ୍କ ମଧ୍ୟରେ ଟାଙ୍ଗିମା, ବୁରୁସିମ୍ ପ୍ରଧାନ । ଏମାନଙ୍କ ଘରର ମୂଳଦୁଆ ଖୁବ୍ ଉଚ୍ଚ ଏବଂ ଚାଳ ନୁଆଁଣିଆ ହୋଇଥାଏ । ଏଣୁ ବର୍ଷାପାଣି ଘର ଭିତରକୁ ପଶିପାରେ ନାହିଁ । କାନ୍ଥଗୁଡିକ ନାଲି ରଙ୍ଗରେ ଲିପା ହୋଇଥାଏ । ଘର ଭିତରେ ଗୋଟିଏ ମଞ୍ଚା (ଭାଡି) ଦେଖିବାକୁ ମିଳେ । ଏହି ମଞ୍ଚାରେ ସମସ୍ତ ଘରକରଣା ଜିନିଷ ରଖାଯାଏ । ସେହି କୋଠରୀ ମଧ୍ୟରେ ଏବଂ ଶୋଇବା ଉଭୟ କାର୍ଯ୍ୟ ସମ୍ପାଦିତ ହୋଇଥାଏ । ଏମାନେ ପୂର୍ବ ପୁରୁଷ ଏବଂ ବହୁ ଦେବଦେବୀଙ୍କ ଉପସ୍ଥିତିରେ ବିଶ୍ୱାସ କରିଥାନ୍ତି । ସେଥିପାଇଁ କୌଣସି ସମସ୍ୟା ହେଲେ ଅବା ଭବିଷ୍ୟତ ପାଇଁ ମାନସିକ ରଖିଲେ, ସମନ (ଗୁଣିଆ)ଙ୍କୁ ଡାକି ଉପଚାର କରିଥାଆନ୍ତି । ଏମାନେ 'ଜଗନ୍ତା'ଙ୍କୁ ପ୍ରଧାନ ବା ଇଷ୍ଟଦେବତା ହିସାବରେ ମାନିଥାଆନ୍ତି । ଜଗନ୍ତା ହେଉଛନ୍ତି ଓଡ଼ିଆ ପରିଭାଷାରେ ଶ୍ରୀଜଗନ୍ନାଥ ମହାପ୍ରଭୁ ।





ସଉରାମାନଙ୍କ ସାମାଜିକ ସଂଗଠନରେ ପରିବାରକୁ ବିରିନ୍ଦା (କୁଟୁମ୍ବ) କୁହାଯାଏ । ସମଗୋତ୍ର ବା ଗୋଟିଏ ବିରିନ୍ଦାରେ ବିବାହ ନିଷେଧ । ବିରିନ୍ଦାର ଲୋକମାନେ ଗୁଆର (ଶ୍ରାଦ୍ଧ), କାର୍ୟା (ସାମୂହିକ ଶ୍ରାଦ୍ଧ)ରେ ଅଂଶଗ୍ରହଣ କରିଥାଆନ୍ତି । ଏମାନଙ୍କର ବିବାହ ପରମ୍ପରା ଖୁବ୍ ସରଳ ଓ ନିରାଡ଼ମ୍ବର । ସଉରା ସମାଜରେ ପରିବାର ଦ୍ୱାରା ସ୍ଥିରୀକୃତ ବିବାହ ବିଶେଷ ଭାବରେ ପ୍ରଚଳିତ । ପରିବାରର ଆୟ ବୃଦ୍ଧିରେ ସଉରା ପୁରୁଷଙ୍କର ଭୂମିକା ଅଧିକ । ତେବେ ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ ବେଶି କର୍ମକୁଶଳ । ପରିବାରଗୁଡିକ ସାଧାରଣତଃ ପିତୃକୈନ୍ଦ୍ରିକ ହୋଇଥାଏ । ପିଲାମାନେ ଛୋଟ ବେଳୁ ବାପା ମା'ମାନଙ୍କୁ ସବୁ କାମରେ ସହଯୋଗ କରନ୍ତି ।

ସଉରାମାନେ ମୁଖ୍ୟତଃ ଜଙ୍ଗଲ ଓ ଜମି ଉପରେ ନିର୍ଭର କରି ଜୀବିକା ନିର୍ବାହ କରିଥାଆନ୍ତି । ଏମାନଙ୍କ ଅଞ୍ଚଳରେ ବଗଡ଼ ବା ମିଶ୍ରିତ ପୋଡୁଚାଷ ବହୁଳ ଭାବରେ ପ୍ରଚଳିତ । ଆଜିକାଲି କେତେକ ସଉରା ସ୍ଥାୟୀ ଜମି ପ୍ରସ୍ତୁତ କରି ଚାଷବାସ କଲେଣି । ଚାଷ ବ୍ୟତୀତ ଅନ୍ୟ ସମୟରେ ଶିକାର କରିବା, ମାଛ ଧରିବା, ମଜୁରୀ ଲାଗିବା ତଥା ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ବିକ୍ରୟ କରିବା ଇତ୍ୟାଦି ଏମାନଙ୍କ ଜୀବିକା ଅର୍ଜନର ଅନ୍ୟ ପନ୍ଥା । ସଉରା ବସତିରେ ସାଧାରଣତଃ ଆମ୍ବ, ପଣସ, ଖଜୁରି, ତେନ୍ତୁଳି, ମହୁଲ, ଆତ, ତାଳ ଓ ସଲପ ଗଛ ଇତ୍ୟାଦି ଦେଖିବାକୁ ମିଳେ । ତାଳ ଓ ଖଜୁରି ରସରୁ ସେମାନେ ଗୁଡ଼ ପ୍ରସ୍ତୁତ କରନ୍ତି । ବାଡ଼ିବଗିଚାରେ କଖାରୁ, ସପୁରୀ, କଦଳୀ, ଲେମ୍ବୁ, କାଙ୍କଡ଼, ଅଦା, ହଳଦୀ ଆଦି ଚାଷ କରିଥାନ୍ତି ।

ଏବେ ଗଜପତି ଜିଲ୍ଲାରେ ତିବ୍ବତୀୟ ଶରଣାର୍ଥୀମାନଙ୍କ ସଂସ୍ପର୍ଶରେ ଆସି ସଉରାମାନଙ୍କ ଚଳଣି ଓ ବିଚାରଧାରାରେ ଅନେକ ପରିବର୍ତ୍ତନ ଦେଖା ଦେଲାଣି । ତିବ୍ବତୀୟମାନଙ୍କଠୁ ସେମାନେ ଅର୍ଥକାରୀ ଫସଲ ଚାଷ ଓ କ୍ଷୁଦ୍ର ବ୍ୟବସାୟ କୌଶଳ ଶିଖି ଉନ୍ନତ ଏବଂ ଆତ୍ମନିର୍ଭରଶୀଳ ହେବାକୁ ଆରମ୍ଭ କଲେଣି । କୁଶଳୀ





ଶ୍ରମିକ ହିସାବରେ ସେମାନେ ବିଭିନ୍ନ କ୍ଷେତ୍ରରେ ନିୟୋଜିତ ହେଲେଣି । ଶିକ୍ଷାର ବିକାଶ ଘଟିବା ଯୋଗୁଁ ଏମାନଙ୍କ ମଧ୍ୟରୁ ଅନେକ ସରକାରୀ ତଥା ଅନ୍ୟ କର୍ମକ୍ଷେତ୍ରରେ ପ୍ରତିଷ୍ଠିତ ହୋଇ ପାରୁଛନ୍ତି ।

ସଉରାମାନେ ଅତ୍ୟନ୍ତ ଧର୍ମବିଶ୍ୱାସୀ । ଅଗଣିତ ଦେବଦେବୀ ତଥା ଆତ୍ମା ଉପରେ ବିଶ୍ୱାସ ରଖୁଥିବା ଏହି ଜନଜାତି ଅଦୃଶ୍ୟ ଶକ୍ତିକୁ ଶାନ୍ତ କରିବାପାଇଁ ଅନେକ ପର୍ବପର୍ବାଣି ଓ ଉତ୍ସବ ପାଳନ କରିଥାଆନ୍ତି । କାନ୍ଦୁଲନୂଆ, ଚୈତ୍ରପରବ, କାର୍ଯା, ଗୁଆର ବୁଣାଳି ଏଥି ମଧ୍ୟରେ ପ୍ରମୁଖ । ଏହି ପର୍ବପର୍ବାଣି ଓ ଉତ୍ସବ ପାଳନ ଅବସରରେ ବନ୍ଧୁବାନ୍ଧବ ଓ ଗ୍ରାମବାସୀମାନେ ମିଳିତ ହୋଇ ନାଚଗୀତ ସହିତ ଭୋଜିଭାତ କରି ଖୁସି ମନାଇଥାଆନ୍ତି । ସଉରାମାନେ ଭାରି କଳାପ୍ରିୟ । ସେମାନଙ୍କର ନୃତ୍ୟ, ନାନାପ୍ରକାର ବାଦ୍ୟଯନ୍ତ୍ର ଓ ଲୋକସଂଗୀତରେ ଏହି କଳାପ୍ରୀତି ପ୍ରତିଫଳିତ ହୋଇଥାଏ । ଲାଞ୍ଜିଆ ସଉରାମାନଙ୍କ ପରି ଏମାନେ ମଧ୍ୟ ଇଡ଼ିତାଲ ପରମ୍ପରା ସହ ଜଡ଼ିତ । ତେବେ ଇଡିତାଲ ପରମ୍ପରାରେ ସଉରାମାନଙ୍କର କିଛି ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୋଇଥାଏ ।

ଏବେ ସଉରାମାନେ ପରିବର୍ତ୍ତନର ପାହାଚ ଚଢୁଛନ୍ତି । ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ପରିଯୋଜନା ମାଧ୍ୟମରେ ଏମାନଙ୍କର ବିକାଶ ପାଇଁ ଅନେକ ପଦକ୍ଷେପ ନିଆଯାଉଅଛି । ମୋହନା ବ୍ଲକର ଚନ୍ଦ୍ରଗିରିଠାରେ 'ସଉରା ଉନ୍ନୟନ ସଂସ୍ଥା' ଏବଂ ଗଞ୍ଜାମ ଜିଲ୍ଲାର ପାତ୍ରପୁର ବ୍ଲକସ୍ଥିତ ତୁମ୍ବା ଅଞ୍ଚଳକୁ ନେଇ 'ତୁମ୍ବା ଉନ୍ନୟନ ସଂସ୍ଥା' ପ୍ରତିଷ୍ଠିତ ହୋଇ ଏମାନଙ୍କର ଶିକ୍ଷା ଓ ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟ କରିଆସୁଅଛି । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଭଳି ମୌଳିକ ସୁବିଧାର ଉନ୍ନତି ସହିତ ସଚେତନତା ବୃଦ୍ଧି ଫଳରେ ସଉରାମାନଙ୍କ ଜୀବନଶୈଳୀରେ ଅନେକ ଆଖିଦୃଶିଆ ପରିବର୍ତ୍ତନ ଆସିଛି ।



# ମାଙ୍କିଡ଼ିଆ

ବିଶେଷ ଭାବରେ ଅନୁନ୍ନତ ଜନଜାତିଙ୍କ ମଧ୍ୟରେ ମାଙ୍କିଡ଼ିଆମାନଙ୍କ ସଂଖ୍ୟା ସ୍ୱଳ୍ପ । ଏମାନେ ଅର୍ଦ୍ଧ ଯାଯାବର ଜୀବନଯାପନ କରନ୍ତି । ମୁଖ୍ୟତଃ ଖାଦ୍ୟ ଅନ୍ୱେଷଣକାରୀ ଓ ଶିକାରୀ ଜନଜାତି ଭାବରେ ଏମାନେ ପରିଚିତ । ମାଙ୍କିଡ଼ିଆମାନେ ଛୋଟଛୋଟ ଦଳରେ ବିଭକ୍ତ ହୋଇ ଜଙ୍ଗଲରେ ଘୂରି ବୁଲନ୍ତି । ମାଙ୍କଡ଼ ଧରିବା ସେମାନଙ୍କ ପେଶା ହୋଇଥିବାରୁ ସେମାନଙ୍କୁ ମାଙ୍କିଡ଼ିଆ କୁହାଯାଏ । ଗଛଡାଳକୁ କାଟି ଅସ୍ଥାୟୀ, ଗମ୍ବୁଜାକୃତି ଘର ତିଆରି କରି ସେମାନେ ବସବାସ କରନ୍ତି । ଏହି ପତ୍ର ତିଆରି ଘରକୁ କୁମ୍ଭା କୁହାଯାଏ । ୨୦୧୧ ଜନଗଣନା ହିସାବରେ ଏମାନଙ୍କ ସଂଖ୍ୟା ୨,୨୨୨ ଅଟେ । ଭାରତ ସରକାର ଏମାନଙ୍କୁ ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟର ମାନ୍ୟତା ପ୍ରଦାନ କରିଛନ୍ତି ।

ଆମ ରାଜ୍ୟର ବାଲେଶ୍ୱର, ଯାଜପୁର, ଦେବଗଡ଼, ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲ୍ଲାରେ ମାଙ୍କିଡ଼ିଆଙ୍କ ଦଳ ଦେଖିବାକୁ ମିଳନ୍ତି । ଓଡ଼ିଶା ବ୍ୟତୀତ ଝାଡଖଣ୍ଡ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରେ ମଧ୍ୟ ଅଳ୍ପ




ସଂଖ୍ୟକ ମାଙ୍କିଡିଆ ବସବାସ କରନ୍ତି । ସେମାନଙ୍କର ପାରମ୍ପରିକ ବେଶ ପୋଷାକ  ଓ ଅଳଙ୍କାର ପରିଧାନ ଶୈଳୀ ବେଶ ସାଧାରଣ ଓ ସରଳ । ପୁରୁଷମାନେ ତନ୍ତବୁଣା ମୋଟା ଧୋତି ଏବଂ ମହିଳାମାନେ ତନ୍ତବୁଣା ଶାଢ଼ୀ ପିନ୍ଧନ୍ତି ।

ମାଙ୍କିଡ଼ିଆମାନଙ୍କର ଛୋଟ ଛୋଟ ବସତିକୁ 'ଟାଣ୍ଡା' କୁହାଯାଏ । ପ୍ରତି ପରିବାର ପାଇଁ ସ୍ୱତନ୍ତ୍ର ଅସ୍ଥାୟୀ ଅର୍ଦ୍ଧବୃତ୍ତାକାର ପତ୍ରକୁଡିଆ (କୁମ୍ଭା) ନିର୍ମିତ ହୋଇଥାଏ । ପ୍ରତ୍ୟେକ ଟାଣ୍ଡାରେ ଦଶରୁ ପନ୍ଦରଟି କୁମ୍ଭା ଥାଏ । ଏତଦ୍‌ବ୍ୟତୀତ ଧୁଗ୍‌ଲା ଓ କୁଡିଅଡ଼ା ନାମକ ଅନ୍ୟ ଦୁଇଟି କୁମ୍ଭା ମଧ୍ୟ ନିର୍ମିତ ହୋଇଥାଏ । ଅବିବାହିତ ଯୁବକମାନେ ରାତିରେ 'ଧୁଗ୍‌ଲା'ରେ ଶୁଅନ୍ତି । ସେହିପରି ଅବିବାହିତା ଝିଅମାନେ 'କୁଡ଼ିଅଡ଼ା'ରେ ରାତି କାଟନ୍ତି । ଆଉ ଗୋଟିଏ ସ୍ୱତନ୍ତ୍ର ପତ୍ରକୁଡ଼ିଆ (କୁମ୍ଭା)ରେ ଟାଣ୍ଡା ଦେବତାଙ୍କୁ ସ୍ଥାପନ କରି ପୂଜା କରାଯାଏ ।

ମାଙ୍କିଡ଼ିଆମାନଙ୍କ ଆସବାବପତ୍ର କହିଲେ କେତେଖଣ୍ଡ ପିନ୍ଧାଲୁଗା, ରୋଷେଇ ସରଞ୍ଜାମ, ବାସନ କୁସନ, ଦଉଡ଼ି ତିଆରି ପାଇଁ ବ୍ୟବହୃତ କାଠ ଓ କିଛି ଲୁହା ସାମଗ୍ରୀ ଇତ୍ୟାଦିକୁ ବୁଝାଏ । ଶିଆଳି ଲତା ବକ୍କଳରୁ ଦଉଡ଼ି ତିଆରି କରିବା ମାଙ୍କିଡ଼ିଆମାନଙ୍କର ଅନ୍ୟତମ ମୁଖ୍ୟ ବୃତ୍ତି । ସେମାନେ ଶିଆଳି ଲତା ବକ୍କଳରୁ ବିଭିନ୍ନ ଆକୃତିର ବେଣୀପକା ଦଉଡ଼ି, ଦୂରକୁ ଟେକା ଫିଙ୍ଗିବା ପାଇଁ ଦଉଡ଼ା, ଫାଶ, ଥଳିଆ, ଝୁଲା, ଟୋପା ଆଦି ତିଆରି କରିଥାଆନ୍ତି ।

ମାଙ୍କିଡ଼ିଆମାନେ ମାଙ୍କଡ଼ ଧରିବାରେ ବେଶ୍ ଧୁରନ୍ଧର । ସେଥିପାଇଁ ସେମାନେ ବଡ଼ ବଡ଼ ଶିଆଳି ତନ୍ତୁର ଜାଲ ବ୍ୟବହାର କରନ୍ତି । କେତେକ ମାଙ୍କିଡ଼ିଆ ଧାନ ଅମଳ କରିବା, ଚାରା ରୋପଣ କରିବା, କ୍ଷେତ ପରିଷ୍କାର କରିବା ଆଦି କାମ କଲେଣି । ଅନ୍ୟ ସମୟରେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକରି ଜୀବନ ଯାପନ କରନ୍ତି । ଶିକାର କରିବା ଓ ବନ୍ୟଜନ୍ତୁଙ୍କ ଆକ୍ରମଣରୁ ନିଜକୁ ସୁରକ୍ଷିତ ରଖିବା ନିମନ୍ତେ ସେମାନେ ଜଙ୍ଗଲ ଦେବତା (ବୁର୍‌ସୁମ୍)ଙ୍କୁ ପୂଜାର୍ଚ୍ଚନା କରନ୍ତି ।



ପରିବାରରେ ପିଲାଟିଏ ଜନ୍ମହେଲେ ମାଙ୍କିଡ଼ିଆମାନେ ଖୁସି ମନାଇଥାଆନ୍ତି। ଗର୍ଭବତୀ ମହିଳାମାନଙ୍କୁ ଅନେକ ସାମାଜିକ ପ୍ରଥା ପାଳନ କରିବାକୁ ପଡ଼ିଥାଏ। ତେବେ ସେମାନଙ୍କୁ କଠିନ ପରିଶ୍ରମ କରିବା ଓ ରନ୍ଧାବଢ଼ା କାର୍ଯ୍ୟରୁ ଅବ୍ୟାହତି ଦିଆଯାଏ । ପିଲାଟିଏ ଜନ୍ମ ହେଲେ, ପରିବାରର ସଦସ୍ୟମାନେ ଏକୋଇଶି ଦିନ ଯାଏ 'ସୂତକ' ଅଶୌଚ ପାଳନ କରିଥାନ୍ତି।

ମାଙ୍କିଡ଼ିଆ ସମାଜରେ ଟାଣ୍ଡା ବାହାରେ ବିବାହକୁ ବାରଣ କରାଯାଇଥାଏ । ସାଧାରଣତଃ ଟାଣ୍ଡା ଭିତରେ ହିଁ ପ୍ରସ୍ତାବିତ ବିବାହ ଅନୁଷ୍ଠିତ ହୋଇଥାଏ। ଏହା ବ୍ୟତୀତ ଝିକା ବିବାହ ଓ ବଦଳା କନ୍ୟା ବିବାହ ପ୍ରଥା ମଧ୍ୟ ଏମାନଙ୍କ ଜାତିରେ ପ୍ରଚଳିତ ଅଛି। ସାଧାରଣତଃ ବର୍ଷାଦିନ ପରେ ଗୁରୁଜନଙ୍କ ପାଖରେ କିଛି ସଞ୍ଚୟ ଥିଲେ ବିବାହ କାର୍ଯ୍ୟ ସମାପନ ହୁଏ।

ମାଙ୍କିଡ଼ିଆମାନଙ୍କ ପରିବାର ପ୍ରାୟତଃ ଛୋଟ ହୋଇଥାଏ। ସ୍ୱାମୀ, ସ୍ତ୍ରୀ ଏବଂ ଗୋଟିଏ ଦୁଇଟି ପିଲାଙ୍କୁ ନେଇ ଏମାନଙ୍କ ପରିବାର । ପରିବାରରେ କେହି ମୃତ୍ୟୁବରଣ କଲେ କୁଟୁମ୍ବର ସଦସ୍ୟମାନେ ମିଳିମିଶି ଶବ ସଂସ୍କାର କରିଥାଆନ୍ତି। ଗୋଟିଏ ଅଗଭୀର ଗାତରେ ମୃତ ଶରୀରକୁ ପୋତି ଦିଆଯାଏ । ମାଙ୍କିଡ଼ିଆମାନେ ବହୁତ ଧର୍ମବିଶ୍ୱାସୀ। ରୋଗ, ମୃତ୍ୟୁ ଓ ନାନା ପ୍ରକାର ଅସୁବିଧା ସୃଷ୍ଟି କରୁଥିବା ଦେବତା ଅତ୍ୟନ୍ତ କ୍ଷତିକର ବୋଲି ସେମାନେ ବିଶ୍ୱାସ କରନ୍ତି। ଅନ୍ୟପକ୍ଷରେ ସମାଜର କଲ୍ୟାଣ ଓ ସର୍ବମଙ୍ଗଳ ସାଧନ କରୁଥିବା ଦେବତାମାନେ ସେମାନଙ୍କର ପାଇଁ ହିତୈଷୀ ବୋଲି ସେମାନେ ବିଶ୍ୱାସ କରିଥାନ୍ତି।



ଓଡ଼ିଶାର ଅନ୍ୟ ଜନଜାତିଙ୍କ ପରି ମାଙ୍କିଡ଼ିଆମାନେ ମଧ୍ୟ ନାଚଗୀତକୁ ଭଲ ପାଆନ୍ତି । ସେମାନଙ୍କର ପର୍ବପର୍ବାଣି ଓ ପୂଜାବିଧି ସହିତ ନାଚଗୀତ ଓତପ୍ରୋତ ଭାବେ ଜଡ଼ିତ । ସେମାନେ ରାତି ହେଲେ ଗୀତ ଗାଆନ୍ତି, ନାଚନ୍ତି ଓ ବାଜା ବଜାନ୍ତି । ସେମାନଙ୍କ ନାଚ ମଧ୍ୟରେ ଦଙ୍ଗ, ଲାଗ୍ରେଣେ, ମୁତ୍‌କାର, ଯାଦୁର (ଗେଣା ସହିତ), କରମ୍ (ଖେମ୍‌ଟା, ଝୁମର ଓ ହଂସଦା) ଇତ୍ୟାଦି ପ୍ରଧାନ । ସେମାନେ ନୃତ୍ୟରେ ବ୍ୟବହାର କରୁଥିବା ବିଭିନ୍ନ ବାଦ୍ୟଯନ୍ତ୍ରଗୁଡ଼ିକ ହେଲା : ଢୋଲକି (ମାଦଳ), ଟମକ (ନାଗରା), ତିରିଅ (ଗିନି), ପାଞ୍ଚ-ସାତ ରନ୍ଧ୍ର ବିଶିଷ୍ଟ ବାଉଁଶ ନିର୍ମିତ ବଇଁଶୀ, କାଠନିର୍ମିତ କେନ୍ଦେରା ଅଥବା ବେଞ୍ଜୋ । ଜନ୍ମ, ବିବାହ, ଭୋଜି ଭାତ, ପର୍ବପର୍ବାଣି ଆଦି ବିଭିନ୍ନ ଉତ୍ସବ ସହିତ ନୃତ୍ୟ ଯୋଡି ହୋଇଥାଏ । ପୁରୁଷମାନେ ବାଦ୍ୟଯନ୍ତ୍ର ବଜାନ୍ତି ଓ ମହିଳାମାନେ ବାଦ୍ୟର ତାଳେ ତାଳେ ଗୀତ ଗାଇ ନାଚି ଥାଆନ୍ତି । ମାଙ୍କିଡ଼ିଆ ସମାଜରେ, ପୌଷ ମାସରେ ବା' ପରବ (ଫୁଲ ପରବ), ମାଘ ମାସରେ ମାଗେ, ସାରହୁଲ, ମକର ଇତ୍ୟାଦି ପାଳିତ ହୋଇଥାଏ ।



ସେମାନେ ପ୍ରତ୍ୟେକ ପର୍ବକୁ ଖୁବ୍ ଧୁମ୍‌ଧାମରେ ପାଳନ କରନ୍ତି । ଦେବଦେବୀଙ୍କ ମଧ୍ୟରେ ମାରାଂବୁରୁ, ଲୁବୁକୁଳି, ଲୁବୁକୁଡ଼ା, କାଳୀ ଇତ୍ୟାଦି ପ୍ରମୁଖ ।

ଏବେ ମାଙ୍କିଡ଼ିଆମାନେ ସେମାନଙ୍କ ଯାଯାବର ଅଭ୍ୟାସ ପରିତ୍ୟାଗ କଲେଣି । ଗୋଟିଏ ସ୍ଥାନରେ ସ୍ଥାୟୀ ଭାବରେ ବସବାସ କରିବା ସହିତ କୃଷି ଓ ଅନ୍ୟାନ୍ୟ କାର୍ଯ୍ୟରେ ମନୋନିବେଶ କଲେଣି । ସେମାନଙ୍କ ବିକାଶ ପାଇଁ ମୟୂରଭଞ୍ଜ ଜିଲ୍ଲାର ଯଶିପୁରଠାରେ "ପାହାଡ଼ି ଖଡ଼ିଆ ଓ ମାଙ୍କିଡ଼ିଆ ଉନ୍ନୟନ ସଂସ୍ଥା" ପ୍ରତିଷ୍ଠିତ ହୋଇଛି । ମାଙ୍କିଡ଼ିଆ ଜନଜାତିଙ୍କ ବିକାଶ ପାଇଁ ଏହି ସଂସ୍ଥା ଅନେକ କଲ୍ୟାଣମୂଳକ କାର୍ଯ୍ୟ ହାତକୁ ନେଇଛି । ଅନେକ ମାଙ୍କିଡିଆ ପାଠ ପଢ଼ି ବିଭିନ୍ନ କର୍ମ କ୍ଷେତ୍ରରେ ନିଯୁକ୍ତି କ୍ରମେ ସ୍ୱାବଲମ୍ବୀ ହେଲେଣି । ପ୍ରଗତିର ତାଳେ ତାଳେ ସେମାନଙ୍କ ପାରମ୍ପରିକ ଜୀବନଶୈଳୀରେ ବେଶ୍ ପରିବର୍ତ୍ତନ ପରିଲକ୍ଷିତ ହେଉଛି ।





# ପାହାଡ଼ି ଖଡ଼ିଆ

ଖଡ଼ିଆମାନଙ୍କ ଏକ ଉପଗୋଷ୍ଠୀ ପାହାଡ଼ି ଖଡ଼ିଆଙ୍କୁ ବିଶେଷଭାବରେ ଅନୁନ୍ନତ ଜନଜାତି ସମୁଦାୟର ମାନ୍ୟତା ମିଳିଛି । ୨୦୧୧ ଜନସୁମାରି ଅନୁଯାୟୀ ଓଡିଶାରେ ଖଡ଼ିଆମାନଙ୍କ ସଂଖ୍ୟା ୨,୨୨,୮୪୪ ରହିଥିବାର ଜଣାଯାଏ । ପାହାଡ଼ି ଖଡ଼ିଆମାନେ ମୟୂରଭଞ୍ଜ ଜିଲ୍ଲାରେ ଥିବା ଶିମିଳିପାଳ ଅଭୟାରଣ୍ୟର ମାଳ ଅଞ୍ଚଳରେ ବସବାସ କରନ୍ତି । ପ୍ରକଳ୍ପ ଅଞ୍ଚଳରେ ଏହି ଜନଜାତିଙ୍କ ସଂଖ୍ୟା ଏକ ହଜାର ମଧ୍ୟରେ ସୀମିତ ।


ପାହାଡ଼ି ଖଡିଆମାନଙ୍କର ଆଭୂଷଣ ଅତି ସାଧାରଣ । ପୁରୁଷମାନେ ଛୋଟ ଧୋତି ଓ ମହିଳାମାନେ ଅଳ୍ପ ଲମ୍ବର ଶାଢି ପିନ୍ଧନ୍ତି । ବର୍ତ୍ତମାନ ପାହାଡ଼ି ଖଡ଼ିଆ ପୁରୁଷ ଓ ମହିଳାମାନେ ବଜାରରେ ଉପଲବ୍ଧ ସାଧାରଣ ଲୁଗାପଟା ପରିଧାନ କଲେଣି । ମହିଳାମାନେ ହାର, ବାହୁବନ୍ଧ, କାନଫୁଲ, ହାତମୁଦି, ମୁଣ୍ଡକଣ୍ଟା, ଧାତୁ ନିର୍ମିତ ଚୁଡି ଆଦି ବ୍ୟବହାର କରନ୍ତି ।



ପାହାଡ଼ି ଖଡ଼ିଆମାନଙ୍କ ଘରଗୁଡ଼ିକ ସାଧାରଣତଃ ପାହାଡ ଉପରେ ଦୃଷ୍ଟିଗୋଚର ହୋଇଥାଏ । ଘରଗୁଡ଼ିକ ଲଗାଲଗି ନ ହୋଇ ବିକ୍ଷିପ୍ତ ହୋଇ ରହିଥାଏ । ସେମାନେ ବଖୁରିକିଆ ଘରକୁ ଦୁଇଭାଗ କରି, ଗୋଟିଏ ପାଖ ରୋଷେଇ କାର୍ଯ୍ୟ ଓ ଅନ୍ୟପାଖଟି ଶୋଇବା ପାଇଁ ବ୍ୟବହାର କରିଥାଆନ୍ତି । ଘରକରଣା ଜିନିଷ ହିସାବରେ ଖଜୁରି ପଟି, ଦଉଡ଼ିଆ ଖଟ, ମାଟି ପାତ୍ର, ଲାଉତୁମ୍ବା, କଂସା ଓ ଆଲୁମିନିଅମ ବାସନ କୁସନ, ଚକି ଓ ଘୋରଣା, ଶିଳ-ଶିଳପୁଆ, ଧନୁତୀର, ଟାଙ୍ଗିଆ ଇତ୍ୟାଦି ରହିଥାଏ । ଛେଳି, ଘୁଷୁରି, ଗୋରୁଗାଈ ଆଦି ଗୃହପାଳିତ ପ୍ରାଣୀଙ୍କ ନିମନ୍ତେ ଅଲଗା ଗୁହାଳ ତିଆରି ହୋଇଥାଏ ।



ଶାଗ, ପଖାଳ ଓ ଲୁଣ, ଲଙ୍କା ଖଡିଆମାନଙ୍କର ସାଧାରଣ ଖାଦ୍ୟ। ଏହାଛଡ଼ା ବାଡିରେ କଲରା, କଖାରୁ ଆଦି ପନିପରିବା ଚାଷ କରି ସେମାନେ ଖାଦ୍ୟ ଭାବରେ ବ୍ୟବହାର କରିଥାଆନ୍ତି। ପର୍ବପର୍ବାଣି ଅବସରରେ ପାହାଡି ଖଡିଆମାନେ ସିଝା କିମ୍ବା ସେକା ହୋଇଥିବା ଚାଉଳର ପିଠା ସହିତ ମାଂସ ତରକାରି ପ୍ରସ୍ତୁତ କରିଥାଆନ୍ତି। ଜୀବିକା ନିର୍ବାହ ପାଇଁ ସେମାନେ ମୁଖ୍ୟତଃ ଶିମିଳିପାଳର ପାର୍ବତ୍ୟାଞ୍ଚଳ ଉପରେ ନିର୍ଭର କରିଥାଆନ୍ତି। ଶିମିଳିପାଳ 'ମହୁ'ର ଏକ ପ୍ରାକୃତିକ ଭଣ୍ଡାର। ସେମାନେ ବଡ଼ (ବାଘୁଆ) ମହୁମାଛି ଓ ସାନ ମହୁମାଛିଙ୍କ ଫେଣାରୁ ମହୁ ସଂଗ୍ରହ କରିଥାଆନ୍ତି। ଖଡ଼ିଆମାନେ ପର୍ବତ ଓ ଗୁମ୍ଫା ଉପରକୁ ଚଢ଼ି, ନିଆଁହୁଳା ଦେଖାଇ ମହୁମାଛି ଘଉଡ଼ାନ୍ତି । ମାଛି ଉଡିଗଲା ପରେ ଫେଣାରେ ଥିବା ମହୁ ସଂଗ୍ରହ କରିଥାଆନ୍ତି। ମହୁ ଓ ଝୁଣା ସଂଗ୍ରହ କରିବା ସହିତ ଖଡିଆମାନେ ବଣପାଳୁଅ ମଧ୍ୟ ଏକାଠି କରନ୍ତି। ଆଜିକାଲି ଖଡ଼ିଆମା୍ନେ ଅଳ୍ପଅଳ୍ପ ଜଙ୍ଗଲ ଜମିରେ ଚାଷବାସ ଆରମ୍ଭ କଲେଣି। ତେବେ ଏଯାବତ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ବିକ୍ରୟ କରିବା ସେମାନଙ୍କ ଆୟର ମୁଖ୍ୟ ପନ୍ଥା ହୋଇ ରହିଛି।











ମକର ଖଡିଆମାନଙ୍କର ଏକ ମୁଖ୍ୟ ପର୍ବ । ଜନ୍ମ, ମୃତ୍ୟୁ, ବିବାହ ଆଦି ସାମାଜିକ ବା ସାଂସ୍କୃତିକ କର୍ମଗୁଡ଼ିକ ସେମାନେ ନିଷ୍ଠା ଓ ଆଗ୍ରହର ସହିତ ପାଳନ କରନ୍ତି । ପତି, ପତ୍ନୀ ଓ ଅବିବାହିତ ସନ୍ତାନଙ୍କୁ ନେଇ ପାହାଡି ଖଡ଼ିଆର ପରିବାର । ଖଡ଼ିଆ ଯୁବକଟିଏ ବିବାହ କଲାପରେ ବାପା ମାଆଙ୍କ ଠାରୁ ଅଲଗା ହୋଇ ନୂଆ ସଂସାର ଗଢ଼େ । ନିଜର ରକ୍ତ ସଂପର୍କୀୟମାନଙ୍କୁ ଖଡ଼ିଆ ସମାଜରେ କୁଟୁମ୍ବ ବା 'ବଂଶ' କୁହାଯାଏ । ମାଆ ପକ୍ଷର ଲୋକମାନେ ବନ୍ଧୁ ନାମରେ ନାମିତ ହୋଇଥାଆନ୍ତି । ଜନ୍ମ, ମୃତ୍ୟୁ ଆଦି ଅଶୁଦ୍ଧି ସମୟରେ ନିଜ କୁଟୁମ୍ବର ସଦସ୍ୟମାନେ ଦଶ ଦିନ ଧରି ଅଶୌଚ ପାଳନ କରନ୍ତି । ଶୁଦ୍ଧିକର୍ମ ଶେଷ କରି ଘିଅ ମହୁ ଖାଇ, କୁଟୁମ୍ବଜନ ଶୌଚ ହୋଇଥାଆନ୍ତି ।





ଖଡ଼ିଆମାନଙ୍କ ଗ୍ରାମସଭାରେ ଗୋଟିଏ ଗ୍ରାମ୍ ପରିଷଦ ଓ ଗୋଟିଏ ଆନ୍ତଃଗ୍ରାମ ପରିଷଦ ଥାଏ । ପ୍ରତି ଗ୍ରାମରେ ଗୋଟିଏ ପଞ୍ଚାୟତ ଥାଏ । ପଞ୍ଚାୟତର ମୁଖ୍ୟଙ୍କୁ 'ପ୍ରଧାନ' ବା 'କାଲୋ' କହନ୍ତି । ଗାଁ ପୁରୋହିତଙ୍କୁ ଦେହୁରି, ଡକାହକା କରିବା ଏବଂ ପହରା ଦେବା ଲୋକଙ୍କୁ 'ଛାଟିଆ' ଓ ଝଡାଫୁଙ୍କା ଦ୍ୱାରା ଚିକିତ୍ସା କରୁଥିବା ବ୍ୟକ୍ତିଙ୍କୁ ଗୁଣିଆଁ କହନ୍ତି । ଗ୍ରାମସଭା ଉପରେ କୁଟୁମ୍ବ ସଭା । ଏହି କୁଟୁମ୍ବ ସଭାର ମୁଖ୍ୟଙ୍କୁ 'କର୍ତ୍ତା' କୁହାଯାଏ ।

ଶିମିଳିପାଳସ୍ଥିତ "ଅଠର ଦେଉଳ" ଖଡ଼ିଆମାନଙ୍କର ଗୋଟିଏ ପବିତ୍ର ପୀଠ । ଏହି ପୀଠରେ 'ବଡ଼ାମ୍' ଦେବତା ପୂଜା ପାଆନ୍ତି । ଖଡ଼ିଆମାନଙ୍କର ବିଶ୍ୱାସ ରହିଛି, ବଡ଼ାମ୍ ଦେବତା ସନ୍ତୁଷ୍ଟ ହେଲେ ସମସ୍ତ ମନୋବାଞ୍ଛା ପୂର୍ଣ୍ଣ ହୁଏ । ଖଡ଼ିଆମାନେ ସୂର୍ଯ୍ୟଦେବତାଙ୍କୁ ସୃଷ୍ଟିକର୍ତ୍ତା ଭାବରେ ବିଚାର କରି ପୂଜା କରନ୍ତି । ଗାଁ





ସ୍ତରରେ ବର୍ଷକୁ ଥରେ ଠାକୁରାଣୀଙ୍କର 'ମେଲାଣି ପର୍ବ' ଅନୁଷ୍ଠିତ ହୁଏ । ବସନ୍ତ ଓ ମିଳିମିଳା ଆଦି ରୋଗର ନିରାକରଣ ନିମନ୍ତେ ଗ୍ରାମବାସୀମାନେ ଠାକୁରାଣୀଙ୍କୁ ପୂଜା କରନ୍ତି ।

ପାହାଡି ଖଡ଼ିଆମାନେ ମକର ପରି ରଜ ପର୍ବକୁ ମଧ୍ଯ ଖୁବ୍ ଜାକଜମକରେ ପାଳନ କରନ୍ତି । ରଜ ପର୍ବରେ ନୂଆ ପୋଷାକ ପିନ୍ଧିବା ସହିତ ପିଠାପଣା, ନାଚଗୀତ ଓ ଦୋଳି ଖେଳରେ ମସଗୁଲ ହୋଇ ଉଠନ୍ତି । ପ୍ରତି ପର୍ବପର୍ବାଣିରେ ପାହାଡି ଖଡ଼ିଆମାନେ ନୃତ୍ୟ ଓ ସଙ୍ଗୀତ ଆୟୋଜନ କରି ଅବସର ବିନୋଦନ କରିଥାଆନ୍ତି । ବିବାହ ଉତ୍ସବ, ମକର, ପ୍ରଥମାଷ୍ଟମୀ, ମାଣବସା ଇତ୍ୟାଦି ପର୍ବରେ ଝୋଟି ଓ ଚିତାରେ ଘର କାନ୍ଥକୁ ଚିତ୍ରିତ କରିଥାଆନ୍ତି । ଫସଲ ଉତ୍ପାଦନ ସରିବା ପରେ ସେମାନେ ଠାକୁରାଣୀ ପୂଜା କରନ୍ତି । ଏହି ଅବସରରେ ପୁରୁଷମାନେ ଚାଙ୍ଗୁ ବଜାନ୍ତି ଏବଂ ମହିଳା ଓ କିଶୋରୀମାନେ ଗୀତ ଗାଇ ନାଚନ୍ତି । ଆଶ୍ୱିନ ମାସରେ ନୂଆଖିଆ, ଜ୍ୟେଷ୍ଠ ମାସରେ ରଜ, ମାଘ ମାସରେ ମକର, ପୌଷ ମାସରେ ପୁଷ ପରବ ଓ ଚୈତ୍ର ମାସରେ ଚଇତି ପରବ ଖଡ଼ିଆମାନଙ୍କର ମୁଖ୍ୟ ପର୍ବ ।





ପାହାଡ଼ି ଖଡ଼ିଆମାନେ ସାଧାରଣତଃ କୃଷି, ପଶୁପାଳନ କରିବା ସହ ଜଙ୍ଗଲରୁ ଜାଳେଣି କାଠ ଓ ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିଥାଆନ୍ତି । ଆଉ କେତେକ ଶ୍ରମଜୀବୀ ଭାବରେ ଜୀବିକା ନିର୍ବାହ କରନ୍ତି । ଏମାନଙ୍କର ସାମଗ୍ରିକ ବିକାଶ ନିମନ୍ତେ ସରକାରଙ୍କ ଦ୍ୱାରା ମୟୂରଭଞ୍ଜ ଜିଲ୍ଲାର ଯଶିପୁର ଠାରେ "ପାହାଡ଼ି ଖଡ଼ିଆ, ମାଙ୍କିଡ଼ିଆ ଉନ୍ନୟନ ସଂସ୍ଥା" ପ୍ରତିଷ୍ଠିତ ହୋଇଛି । ସରକାରଙ୍କ ପ୍ରାୟୋଜିତ ଶିକ୍ଷା, ଯୋଗାଯୋଗ, ପୁନର୍ବାସ ତଥା ବିକାଶ ଯୋଜନାରେ ପାହାଡ଼ି ଖଡ଼ିଆମାନେ ସାମିଲ ହୋଇଛନ୍ତି । ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରସାର, ଗମନାଗମନର ସୁବିଧା ଏବଂ ସରକାରୀ ଯୋଜନାର ସୁଫଳ ଲାଭ କରି ସେମାନେ କ୍ରମଶଃ ଉନ୍ନତି ପଥରେ ଅଗ୍ରସର ହେବାରେ ଲାଗିଛନ୍ତି ।





# ବିରହୋର୍

ବିର୍‌ହୋର୍‌ମାନେ ବିଶେଷଭାବରେ ଅନୁନ୍ନତ ଜନଜାତି ସମୁଦାୟ ଅନ୍ତର୍ଭୁକ୍ତ । ସେମାନେ ସାଧାରଣ ଯାଯାବର ଜୀବନଯାପନ କରନ୍ତି । ବିରହୋର୍ ଶବ୍ଦଟି ଦୁଇଟି ଶବ୍ଦ 'ବିର୍' ଓ 'ହୋର୍' ମିଶି ସୃଷ୍ଟି ହୋଇଛି । ବିର୍ ଅର୍ଥ ବଣ, ହୋର୍ (ହଳ, ହଡ୍) ଅର୍ଥ ମଣିଷ । ଏହି କାରଣରୁ ସେମାନେ ନିଜକୁ 'ବଣର ମଣିଷ' ବୋଲି କୁହନ୍ତି । ବିରହୋର୍ ଜନଜାତି ମଧ୍ୟରେ ଦୁଇଟି ଗୋଷ୍ଠୀ ଦେଖାଯାଏ । ଗୋଟିଏ 'ଜାଙ୍ଘ' ବା ସ୍ଥାୟୀ ବସବାସ କରୁଥିବା ଗୋଷ୍ଠୀ, ଅନ୍ୟଟି 'ଉଠାଲୁ' ବା ଭ୍ରମଣଶୀଳ ଗୋଷ୍ଠୀ । ଭ୍ରମଣଶୀଳ ବା ଯାଯାବର ଜୀବନ ଜିଉଁଥିବା ବର୍ଗ ମାଙ୍କିଡ଼ିଆ ଭାବରେ ପରିଚିତ । ଓଡ଼ିଶାରେ ଏମାନଙ୍କ ସଂଖ୍ୟା ଖୁବ୍ କମ୍ । ୨୦୧୧ ଜନସୁମାରି ହିସାବରେ ଏମାନଙ୍କ ସଂଖ୍ୟା ମାତ୍ର ୫୯୬ ।

ବିରହୋର୍‌ମାନେ ବଣରୁ ମାଙ୍କଡ଼ ଧରିବାରେ ସିଦ୍ଧହସ୍ତ । ଏହାଛଡା ଶିଆଳି ତନ୍ତୁ ପ୍ରସ୍ତୁତି, ଲଘୁବନଜାତ ଦ୍ରବ୍ୟ ସଂଗ୍ରହ ଏମାନଙ୍କର ମୁଖ୍ୟ ପେଷା । ବିରହୋର୍ ପୁରୁଷଙ୍କର ବେଶଭୂଷା ଅତି ସାଧାରଣ । ମହିଳାମାନେ ତନ୍ତବୁଣା ଶାଢ଼ି, ଟଙ୍କାମାଳ, ଚୁଡ଼ି, କାଚମାଳି ଓ ଅନ୍ୟାନ୍ୟ ଧାତୁ ନିର୍ମିତ ଅଳଙ୍କାର ପିନ୍ଧିବାକୁ ପସନ୍ଦ କରନ୍ତି ।

ବିରହୋର୍‌ମାନେ ଛୋଟଛୋଟ ଦଳରେ ବିଭକ୍ତ ହୋଇ ବସବାସ କରନ୍ତି । ଏମାନେ ଓଡ଼ିଶାର କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଦେଖାଯାଆନ୍ତି । ବେଳେବେଳେ କଞ୍ଚାମାଲ ସଂଗ୍ରହ ଓ ରୋଜଗାର ପାଇଁ ସେମାନେ ପଡୋଶୀ ରାଜ୍ୟକୁ ମଧ୍ୟ ଯାଆନ୍ତି । ସେମାନେ ହାଟ ବଜାର ସୁବିଧାଥିବା ଅଞ୍ଚଳରେ ନିଜର "ଟାଣ୍ଡା" (ଅସ୍ଥାୟୀ ଗାଁ) ବସାଇଥାନ୍ତି; ତେଣୁ ସେମାନଙ୍କୁ ଶିଆଳି ଲତାର



ଦଉଡ଼ି ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରିବାକୁ ସୁବିଧା ହୁଏ। ଜଙ୍ଗଲଜାତ ଦ୍ରବ୍ୟର ଅଭାବ ହେଲେ ବିରହୋର୍‌ମାନେ ସେମାନଙ୍କର ଟାଣ୍ଡା ପରିବର୍ତ୍ତନ କରନ୍ତି। ସେମାନଙ୍କ ପତ୍ର କୁଡ଼ିଆକୁ "କୁମ୍ଭା" କୁହାଯାଏ। ଶୁଖିଲା ଗଛର ଡାଳରେ କୁମ୍ଭା ପାଇଁ ଢାଞ୍ଚାଟିଏ ଗଢି ତା'ର ଉପରିଭାଗକୁ ଶାଳପତ୍ର ରେ ଆବୃତ କରାଯାଏ । ସରୁ ଶିଆଳି ଲତାକୁ ଦଉଡି ଭାବରେ ବ୍ୟବହାର କରି କୁମ୍ଭା ତିଆରି ହୁଏ।

ବଣ ଜଙ୍ଗଲରୁ ସଂଗୃହୀତ ଶିଆଳି ବକ୍କଲରୁ ଦଉଡ଼ି ପ୍ରସ୍ତୁତ କରି ବିକ୍ରୟ କରିବା ବିରହୋର୍‌ମାନଙ୍କ ମୁଖ୍ୟ ଜୀବିକା। ଏମାନେ ଶିଆଳି ଲତା ସମେତ ଲଘୁ ବନଜାତ ଦ୍ରବ୍ୟ ମଧ୍ୟ ସଂଗ୍ରହ କରନ୍ତି। ସେମାନେ ଶିଆଳି ଲତାକୁ ଛେଚି ପାରମ୍ପରିକ ପଦ୍ଧତିରେ ଏହି ତନ୍ତରୁ ଦଉଡି, ଶିକା, ଥଳିଆ, ଟୋପା ଆଦି ସରଞ୍ଜାମ ତିଆରି କରନ୍ତି।

ଦଉଡ଼ି ଓ ସଂଗୃହୀତ ବନଜାତ ଦ୍ରବ୍ୟକୁ ବିକ୍ରିବଟା କରି ଯେଉଁ ଅର୍ଥ ଉପାର୍ଜନ କରନ୍ତି, ସେଥିରେ ବିର୍‌ହୋର୍‌ମାନେ ସାପ୍ତାହିକ ହାଟରୁ ଘର ସଉଦା କିଣିଥାଆନ୍ତି। ଫସଲ ଅମଳ ସମୟରେ ସେମାନେ ହାଟ ବଜାରରୁ ମକା ଓ ବାଜରା କିଣି ଘରେ ରଖନ୍ତି। ନିଜ ଖାଦ୍ୟ ଆବଶ୍ୟକତା ପୂରଣ ପାଇଁ ସେମାନେ ବିଭିନ୍ନ ପ୍ରକାର ଶାଗ, ପରିବା, ଛତୁ, କେନ୍ଦୁ, ତାଳ, ଆମ୍ବ ଆଦି ଫଳ ସଂଗ୍ରହ କରନ୍ତି।





ଗୋଟିଏ ଟାଣ୍ଡାରେ ରହୁଥିବା ପୁଅ-ଝିଅଙ୍କ ମଧ୍ୟରେ ବିବାହ ଅନୁଷ୍ଠିତ ହେବାରେ କୌଣସି ବାଧା ନଥାଏ । ତେବେ ନିଜ କୁଟୁମ୍ବରେ ବିବାହକୁ ବାରଣ କରାଯାଇଥାଏ । ବିର୍‌ହୋର୍ ସମାଜରେ ଝିଅ ପ୍ରାପ୍ତବୟସ୍କା ହେଲେ ବିବାହ ଯୋଗ୍ୟ ହୁଏ । ଯୁବକଙ୍କ ପାଇଁ କୋଡ଼ିଏରୁ ପଚିଶି ବର୍ଷ ବୟସ ହେଉଛି ବିବାହ ଯୋଗ୍ୟ ବୟସ । ନିୟମିତ ଓ ପ୍ରସ୍ତାବିତ ବିବାହରେ ବରପକ୍ଷରୁ କନ୍ୟାପିତାଙ୍କୁ କନ୍ୟାର ମୂଲ୍ୟ ଦେବାକୁ ପଡ଼ିଥାଏ । 'କନ୍ୟା ମୂଲ୍ୟ' ଆକାରରେ କିଛି ଟଙ୍କା ଓ ତିନିଖଣ୍ଡ ଲୁଗା ଦେବାକୁ ପଡେ । ବିର୍‌ହୋର୍ ପରିବାରରେ ପୁରୁଷ ଓ ସ୍ତ୍ରୀମାନଙ୍କର





ସମାନ ଅଧିକାର ଥାଏ। ମହିଳାମାନଙ୍କ ତୁଳନାରେ ପୁରୁଷମାନେ ଅପେକ୍ଷାକୃତ କଷ୍ଟସାଧ କାର୍ଯ୍ୟ କରନ୍ତି। ମହିଳାମାନେ ଘରେ ଦଉଡି ବଳିବା, ଶିଶୁ ପାଳିବା, ଘରୋଇ କାମଧନ୍ଦା ଇତ୍ୟାଦି କରିଥାଆନ୍ତି।

ବିରହୋର୍‌ମାନେ ପ୍ରକୃତିବିଶ୍ୱାସୀ। 'ଲୋଗବୀର' ସେମାନଙ୍କ ମୁଖ୍ୟଦେବୀ। ଘଞ୍ଚ ଜଙ୍ଗଲରେ ପ୍ରମୁଖ ଦେବତା ଲୋଗବୀର ଓ ମୁଖ୍ୟଦେବୀ ବୁଢ଼ୀମାଈଁ ବାସ କରନ୍ତି ବୋଲି ସେମାନେ ବିଶ୍ୱାସ କରନ୍ତି। ବନ୍ୟଜନ୍ତୁଙ୍କ ଆକ୍ରମଣରୁ ରକ୍ଷା ପାଇବା ଏବଂ ଶିକାରରେ ସଫଳତା ନିମନ୍ତେ ସେମାନେ ଜଙ୍ଗଲର ପୂଜା କରିଥାଆନ୍ତି। ବର୍ଷର ପ୍ରଥମ ଆମ୍ବ ଓ ମହୁଲ ଫୁଲ ଖାଇବା ପୂର୍ବରୁ ସେମାନେ ଦେବଦେବୀଙ୍କୁ ପହିଲି ଭୋଗ ଅର୍ପଣ କରିଥାଆନ୍ତି। ବିରହୋର୍‌ମାନେ ପୂର୍ବ ପୁରୁଷଙ୍କୁ ପୂଜା କରିଥାଆନ୍ତି। ଟାଣ୍ଡାରେ ଗୋଟିଏ ଛୋଟ କୁମ୍ଭା ପିତୃପୁରୁଷଙ୍କ ପାଇଁ ରଖାଯାଇଥାଏ । ବିରହୋର୍ ସମାଜରେ 'ନାଇକ' ହେଉଛି ମୁଖ୍ୟ ଏବଂ ଦେହୁରି ହେଉଛନ୍ତି ଧାର୍ମିକ ମୁଖ୍ୟ। ରାଉଳିଆ ରୋଗର ଉପଶମ ପାଇଁ ଚେରମୂଳି ଔଷଧ ଲୋକଙ୍କୁ ଦେଇଥାଆନ୍ତି ।

ବାଦ୍ୟ, ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିବାର ଚିତ୍ତାକର୍ଷକ କୌଶଳ ବିରହୋର୍‌ମାନଙ୍କ କଳା ନୈପୁଣ୍ୟର ପ୍ରମାଣ। ହୋ, କୋହ୍ଲ, ମୁଣ୍ଡା, ସାନ୍ତାଳ ଏବଂ ବିରହୋର୍‌ମାନଙ୍କ ବାଦ୍ୟ, ନୃତ୍ୟ ଓ ସଙ୍ଗୀତ ପରିବେଷଣରେ ଅନେକ ସାମଞ୍ଜସ୍ୟ ଦେଖାଯାଏ। ନୃତ୍ୟ ଓ ସଙ୍ଗୀତ ପରିବେଷଣ ପାଇଁ ସେମାନେ ଢୋଲକ, ମାଦଳ, କେନ୍ଦରା, ଟମକ ବା ନାଗରା, ତିରିଓ ବା ବାଉଁଶ ତିଆରି ବଇଁଶୀ ଇତ୍ୟାଦି ବ୍ୟବହାର କରନ୍ତି। ବିରହୋର୍ ପୁରୁଷମାନେ ବାଦ୍ୟଯନ୍ତ୍ର ବଜାନ୍ତି ଓ ବାଦ୍ୟର ତାଳେତାଳେ ମହିଳାମାନେ ନାଚି ଥାଆନ୍ତି।

ବିର୍‌ହୋର୍‌ମାନଙ୍କ ମଧ୍ୟରେ ଧିରେଧିରେ ସଚେତନତା ବୃଦ୍ଧି ପାଉଛି । ସେମାନେ ଶିକ୍ଷାର ଗୁରୁତ୍ୱ ଉପଲବ୍ଧି କଲେଣି ଓ ପିଲାମାନଙ୍କୁ ଶିକ୍ଷା ପାଇଁ ବିଦ୍ୟାଳୟ ପଠାଉଛନ୍ତି। ଜୀବିକା ନିମନ୍ତେ ନୂଆନୂଆ ବ୍ୟବସାୟ କରିବାକୁ ଆଗ୍ରହୀ ହେଲେଣି । ବିଭିନ୍ନ ଧନ୍ଦାମୂଳକ ଶିକ୍ଷା ଲାଭ କରି କୁଶଳୀ ଶ୍ରମିକ ଭାବରେ, ଖଣିଖାଦାନ ଓ କାରଖାନାରେ ସେମାନେ ନିୟୋଜିତ ହେଉଛନ୍ତି । ଯାଯାବର ଜୀବନଧାରା ଛାଡି ସେମାନେ ଏବେ ସ୍ଥାୟୀ ଭାବରେ ବସବାସ କରିବା ଶିଖିଲେଣି।

ବିଶେଷଭାବରେ ଅନୁନ୍ନତ ଜନଜାତି ବର୍ଗରେ ବିର୍‌ହୋର ସାମିଲ୍ ହୋଇଥିବା କାରଣରୁ ଏବଂ ଏମାନଙ୍କ ଜନସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଉଥିବା ଯୋଗୁଁ ସରକାରଙ୍କ ତରଫରୁ ସେମାନଙ୍କ ପାଇଁ କେନ୍ଦୁମୁଣ୍ଡି ଓ ଦୁର୍‌ଦୁରା ଠାରେ ଦୁଇଟି ସ୍ଥାୟୀ ଆବାସସ୍ଥଳୀ ବା କଲୋନି ସ୍ଥାପନ କରାଯାଇଛି । ବିରହୋର୍‌ମାନଙ୍କୁ ସ୍ଥାୟୀ ଭାବରେ ବସବାସ ନିମନ୍ତେ ଆବଶ୍ୟକ ସୁବିଧା ଯୋଗାଇ ଦେବା ସହିତ ସେମାନଙ୍କ ଜୀବିକା ନିର୍ବାହ ପାଇଁ ବହୁବିଧ ବିକାଶ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏବେ ଏସବୁର ସଫଳତା ପରିଦୃଷ୍ଟ ହେଲାଣି।



# ଡଙ୍ଗରିଆ କନ୍ଧ

ଓଡ଼ିଶାରେ ବସବାସ କରୁଥିବା ୬୪ ପ୍ରକାରର ଜନଜାତିଙ୍କ ମଧ୍ୟରେ କନ୍ଧ ହେଉଛନ୍ତି ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଜନଜାତି। ଏହି ଜନଜାତିର ଏକ ଉପଗୋଷ୍ଠୀ ହେଲେ ଡଙ୍ଗରିଆ କନ୍ଧ। ୨୦୧୮ ଆଧାରରେଖା ସର୍ବେକ୍ଷଣ ଅନୁଯାୟୀ ଦୁଇ ଅଣୁପ୍ରକଳ୍ପ ଅଞ୍ଚଳରେ ଏମାନଙ୍କର ସଂଖ୍ୟା ୯,୬୫୯। ଏମାନେ ବିଶେଷ ଭାବରେ ଅନୁନ୍ନତ ଜନଜାତି ଗୋଷ୍ଠୀ ମଧ୍ୟରେ ଅନ୍ତର୍ଭୁକ୍ତ। ମେରିଆ ପର୍ବ ପାଳନ, ଆକର୍ଷଣୀୟ ଅଳଙ୍କାର ଓ ବେଶ ପୋଷାକ ପରିଧାନ ଏମାନଙ୍କୁ ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର କରିଥାଏ। ଉଚ୍ଚ ପାହାଡ଼ ବା ଡଙ୍ଗରରେ ବସବାସ କରୁଥିବାରୁ ପଡୋଶୀମାନେ ଏମାନଙ୍କୁ ଡଙ୍ଗରିଆ କହିଥାଆନ୍ତି। ତେବେ ସେମାନେ ନିଜକୁ ଡଙ୍ଗରାନ୍ କୁଆଁ ବା ଡ୍ରିଲିକୁଆଁ ବୋଲି ପରିଚୟ ଦେଇଥାଆନ୍ତି।



ଡଙ୍ଗରିଆ ପୁରୁଷ ଓ ମହିଳାମାନଙ୍କର ନିଜକୁ ସଜେଇବା ଢଙ୍ଗ ଅନ୍ୟମାନଙ୍କ ଠାରୁ ଅଲଗା। ପୁରୁଷ ଓ ମହିଳାମାନେ ମୁଣ୍ଡର ଚୁଟିକୁ ଗଣ୍ଠି କରି ବାନ୍ଧିଥାଆନ୍ତି । ସେଥିରେ ଗୋଟିଏ କାଠ ପାନିଆ (କୋକୁଆ) ଖୋସି ଦେଇଥାନ୍ତି। ଏହାଦ୍ୱାରା ଖୋଷା ସୁନ୍ଦର ଦେଖାଯିବା ସହିତ କେଶବିନ୍ୟାସ ଆକର୍ଷଣୀୟ ହୋଇଥାଏ । ଏମାନେ ଗୋଟିଏ ଛୋଟ ଛୁରୀ (ପିପଲି)କୁ ମଧ୍ୟ ମୁଣ୍ଡରେ ଖୋସି ଥାଆନ୍ତି, ଯାହା ଆତ୍ମରକ୍ଷା ସହ ଜଙ୍ଗଲରେ ଆବଶ୍ୟକ ଜିନିଷ କାଟିବାରେ ବ୍ୟବହୃତ ହୁଏ।

ରାୟଗଡ଼ା ଜିଲ୍ଲାର ମୁନିଗୁଡ଼ା, କଲ୍ୟାଣସିଂପୁର ଓ ବିଷମ କଟକ ଅନ୍ତର୍ଗତ ନିୟମଗିରି ପାହାଡ଼ ଅଞ୍ଚଳରେ ଡଙ୍ଗରିଆ କନ୍ଧମାନେ ବସବାସ କରନ୍ତି। ସେମାନଙ୍କ ଗାଆଁଗୁଡ଼ିକ ସାଧାରଣତଃ ବଣପାହାଡ଼ଘେରା ପରିବେଶରେ ଗଢିଉଠିଥାଏ। ଗାଁର ପ୍ରବେଶ ପଥରେ ସାଧାରଣତଃ ଆମ୍ବ ଓ ପଣସ ଗଛର ତୋଟା ଦୃଶ୍ୟମାନ ହୁଏ। ପାଖରେ ଛୋଟ ଏକ ଚାଳିଆ ଘରେ ପୂଜା ପାଆନ୍ତି "ଯାତ୍ରାକୁଡ଼ି" (ଗ୍ରାମଦେବୀ)। ଗ୍ରାମ ମଝିରେ ପ୍ରଧାନ ଦେବୀ ମାଟି ମାଆ 'ଧରଣୀପେନୁ'ଙ୍କ ଆସ୍ଥାନ ଏବଂ ସମ୍ମୁଖରେ ପୋତା ଯାଇଥାଏ 'ମେରିଆ ଖୁଣ୍ଟ' ।



ଡଙ୍ଗରିଆମାନଙ୍କ ଘରଗୁଡ଼ିକ ନୂଆଁଣିଆ ଚାଳ ଛପର। ଆକାରରେ ଆୟତକାର। ଭିତରେ ଛୋଟ ବଡ଼ ଦୁଇଟି କୋଠରି। ଘରର ଆଗପଛ ଦୁଇପଟରେ ବାରଣ୍ଡା ରହିଥାଏ।

ଡଙ୍ଗରିଆ କନ୍ଧମାନଙ୍କ ଅର୍ଥନୀତି କୃଷି, ପଶୁପାଳନ ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଉପରେ ନିର୍ଭରଶୀଳ। ସେମାନେ ମୁଖ୍ୟତଃ ଆମ୍ବ, ପଣସ, କଦଳୀ, ସପୁରୀ, ଲେମ୍ବୁ, କମଳା ଓ ହଳଦୀ ଚାଷ କରିଥାଆନ୍ତି। ପାହାଡ଼ର ପାଦଦେଶ ଠାରୁ ଉପର ଯାଏ ବିଭିନ୍ନ ଫସଲ ଚାଷ ହୁଏ। ଗାଆଁକୁ ଲାଗି ଘରପାଖ ବାଡ଼ିରେ ବିନ୍ସ, ବାଇଗଣ, ଲଙ୍କା, କଖାରୁ ଆଦି ପନିପରିବା ଚାଷ ମଧ୍ୟ ହୁଏ। ସେମାନେ ଜଙ୍ଗଲରୁ କାଠ ଓ ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଏବଂ ବିକ୍ରୟ କରି ପରିବାର ଚଳାଇଥାଆନ୍ତି।





ପତିପତ୍ନୀ ଓ ଅବିବାହିତ ସନ୍ତାନଙ୍କୁ ନେଇ ଡଙ୍ଗରିଆଙ୍କ ପରିବାର। ପରିବାରରେ ପୁତ୍ର ବଡ଼ ହୋଇ ବିବାହ କଲେ ପୃଥକ ପରିବାର ଗଢ଼ିଥାଏ। ସେମାନେ ନିଜ ବଂଶ ଭିତରେ ବିବାହ କରନ୍ତି ନାହିଁ। ଜନ୍ମିତ ଶିଶୁ ପ୍ରାୟ ମାସକର ହେଲେ ତା'ର ନାଁ ଦିଆ ପର୍ବ ଅନୁଷ୍ଠିତ ହୁଏ। ଏହାକୁ ମିଲା-ଦାରୁ କୁହନ୍ତି। ଏଥିରେ ପିଲାର ମାମୁଁ ଓ ଅଜାଙ୍କୁ ନିମନ୍ତ୍ରଣ କରାଯାଏ। ପିଲାକୁ ଛଅମାସ ହେଲେ ନାକ-କାନ ଫୋଡ଼ା ପର୍ବ ପାଳନ କରାଯାଏ। ଏହି ଅବସରରେ ପିଲାର ନାକ ଓ କାନ ନୋଳିକୁ କଣ୍ଟା ସାହାଯ୍ୟରେ କଣା କରାଯାଏ।

ଡଙ୍ଗରିଆ ଝିଅ ବଡ଼ ହେଲେ ସେମାନେ ଧାଙ୍ଗିଡୀଶାଳର ସଦସ୍ୟା ହୁଅନ୍ତି। ଏହି ଧାଙ୍ଗିଡ଼ୀଶାଳ ଗାଁର ଶେଷ ମୁଣ୍ଡରେ ଥିବା ଘରର ପଛପଟକୁ ରହିଥାଏ। ଏଠାରେ ଅବିବାହିତା ଯୁବତୀମାନେ ରାତି ବିତାନ୍ତି। ଏହି ଧାଙ୍ଗିଡ଼ୀଶାଳ ଏକ ତାଲିମ କେନ୍ଦ୍ରଭଳି କାମ କରେ। ଏଠାରେ ସେମାନେ ପାରଂପରିକ ବାଦ୍ୟଯନ୍ତ୍ର ବଜାଇବା ସାଙ୍ଗକୁ ଜୀବନ ଜୀଇଁବାର କୌଶଳ, ସାମାଜିକ ପ୍ରଥା, ପରଂପରା, ଲୋକକଥା ଓ ଅନ୍ୟାନ୍ୟ ହସ୍ତକଳା ଇତ୍ୟାଦି ବିଷୟରେ ଶିକ୍ଷା ଲାଭ କରିଥାନ୍ତି।

ଏମାନଙ୍କର ପ୍ରଧାନ ଦେବୀ ହେଉଛନ୍ତି ଧରଣୀପେନୁ। ଧରଣୀପେନୁ ଏହି ପୃଥିବୀକୁ ତିଆରି କରିଛନ୍ତି ବୋଲି



ସେମାନଙ୍କର ବିଶ୍ୱାସ। ଦେବୀଙ୍କ ନିମନ୍ତେ ନିର୍ମିତ ଘରକୁ ସେମାନେ 'କୁଡ଼ି' କୁହନ୍ତି। ଗାଆଁ ଦାଣ୍ଡରେ ଗୋଟିଏ କୁଡ଼ିଆ ଘରେ ତିନୋଟି ପଥରକୁ ପୋତି ଜାକେରୀ ଦେବୀଙ୍କୁ ପୂଜା କରାଯାଏ। କୁଡ଼ିର ପଛପଟେ କୋଟେବାଲି ପେନୁଙ୍କ ପାଇଁ ଗୋଟିଏ ବଡ଼ ସଳଖ ଖୁଣ୍ଟି ସହିତ ଛକିପକା କାଠଖୁଣ୍ଟ



ରହିଥାଏ। କୋଟେବାଲି ପେନୁ ଗ୍ରାମବାସୀଙ୍କୁ ସମସ୍ତ ଅଘଟଣରୁ ବଞ୍ଚାଇବା ସହିତ ସବୁପ୍ରକାର ସୁରକ୍ଷା ପ୍ରଦାନ କରିଥାନ୍ତି ବୋଲି ସେମାନେ ବିଶ୍ୱାସ କରନ୍ତି। ମେରିଆ ପର୍ବ ସେମାନଙ୍କର ପ୍ରମୁଖ ପର୍ବ। ଧରଣୀପେନୁଙ୍କ ଉଦ୍ଦେଶ୍ୟରେ ବସନ୍ତ ଋତୁରେ ଏହି ପର୍ବ ପାଳିତ ହୋଇଥାଏ। ଧରଣୀପେନୁଙ୍କ ପାର୍ଶ୍ୱ ଦେବଦେବୀ, ଅନ୍ୟାନ୍ୟ ଦେବତା ତଥା ଡୁମାଙ୍କୁ ମଧ୍ୟ ଏହି ଗୋଷ୍ଠୀ ପର୍ବପର୍ବାଣୀରେ ଉପାସନା କରିଥାଆନ୍ତି।

ଡଙ୍ଗରିଆମାନେ ସୌନ୍ଦର୍ଯ୍ୟପ୍ରେମୀ। ଏହା ଏମାନଙ୍କର ପୋଷାକପତ୍ର, ଅଳଂକାର, ନୃତ୍ୟ, ବାଦ୍ୟରେ ପ୍ରତିଫଳିତ ହୋଇଥାଏ। ଡଙ୍ଗରିଆ ଝିଅମାନେ ସୁନ୍ଦର ସୂଚୀକର୍ମ ହୋଇ ରଙ୍ଗୀନ ଚାଦର ବୁଣନ୍ତି। ଏହାକୁ



କପଡ଼ା ଗନ୍ଦା କୁହାଯାଏ। ଏଥିପାଇଁ ମୁଖ୍ୟତଃ ନାଲି, ହଳଦୀ ଓ ସବୁଜ ରଙ୍ଗର ସୂତା ବ୍ୟବହାର ହୋଇଥାଏ। ଏବେ ଡଙ୍ଗରିଆ କନ୍ଧଙ୍କ ଏହି ଏମ୍ବ୍ରୋଡ଼ରୀ କାମ କପଡାଗନ୍ଦାକୁ ଭୌଗୋଳିକ ଉପଦର୍ଶନ ମାନ୍ୟତା (ଜି.ଆଇ. ଟ୍ୟାଗ୍) ମିଳିଛି । ଏହାଦ୍ୱାରା କପଡାଗନ୍ଦାର ମୌଳିକତା ବଜାୟ ରହିବା ସହ ଏହି ଲୁଗା ବ୍ୟବସାୟର ବଜାର ବଢିଚାଲିବ ।



କପଡାଗନ୍ଦାର ମହତ୍ତ୍ୱ ପର୍ବପର୍ବାଣି ଓ ଉତ୍ସବରେ ଅନୁଭୂତ ହୋଇଥାଏ । ପ୍ରତ୍ୟେକ ଉତ୍ସବରେ ଡଙ୍ଗରିଆ ପୁରୁଷ ଓ ମହିଳାମାନେ ପାରମ୍ପରିକ ବସ୍ତ୍ର ପିନ୍ଧି ଏକାଠି ଗୀତ ଗାଇ ନୃତ୍ୟ କରନ୍ତି । ପୁରୁଷମାନେ 'ଢାପ' ବଜାନ୍ତି । ମହିଳାମାନେ ପରସ୍ପରର ହାତ ଧରାଧରି ହୋଇ ନାଚନ୍ତି ।



प्रपत्र O-2
Form O - 2

INTELLECTUAL PROPERTY INDIA

भारत सरकार Government Of India
भौगोलिक उपदर्शन रजिस्ट्री Geographical Indication Registry
माल के भौगोलिक उपदर्शन (रजिस्ट्रीकरण तथा संरक्षण) अधिनियम, 1999
Geographical Indication of Goods (Registration and Protection) Act, 1999
धारा 16(2) के अधीन भौगोलिक उपदर्शन के पंजीकरण का प्रमाणपत्र | Certificate of Registration of Geographical Indication under section 16 (2)

भौगोलिक उपदर्शन संख्या
Geographical Indication No.: 773

प्रमाणपत्र संख्या
Certificate No.: 541

प्रमाणित किया जाता है कि भौगोलिक उपदर्शन यह

के नाम से वर्ग में संख्या के अधीन दिनांक को

के संबंध में रजिस्टर में रजिस्ट्रीकृत किया गया है।

Certified that the Geographical Indication has been registered in the register in the name of **1. Niyamgiri Dongoria Kandho Weavers Association** at Post: Kurli, Via/Block/PS: Bissamcuttack, District: Rayagada – 765 019, Odisha, India, and **2. Directorate of Scheduled Castes & Scheduled Tribes Research and Training Institute (SCSTRTI)**, Scheduled Tribe & Scheduled Caste Development, Minorities & Backward Classes Welfare Department, Government of Odisha, CRPF Square, Bhubaneswar - 751003, Odisha, India. Facilitated By: Textiles Committee, Ministry of Textiles.

in class 24 & 25 under no. 773 as of the date 03.08.2021
in respect of **KAPADAGANDA: DUNGARIA KONDH EMBROIDERY SHAWL**

Falling in Class - 24 & 25 - Embroidery on Textiles and textile goods

आज दिनांक को मेरे निदेश पर चेन्नई में मुद्रांकित किया गया।
Sealed at my direction this 02nd day of January, 2024 at Chennai.

भौगोलिक उपदर्शन रजिस्ट्री, चेन्नई
Geographical Indication Registry, Chennai

उन्नत पी. पंडित
रजिस्ट्रार, भौगोलिक उपदर्शन
Registrar of Geographical Indication

ଡଙ୍ଗରିଆ ସମାଜର ନେତା ତଥା ଧାର୍ମିକ ମୁଖ୍ୟଙ୍କୁ 'ଜାନୀ' କୁହାଯାଏ । ସେ ମଧ୍ୟ ଗ୍ରାମ ପରିଷଦର ମୁଖ୍ୟ ହିସାବରେ ସଭାରେ ସଭାପତିତ୍ୱ କରନ୍ତି । ମେରିଆ ପର୍ବ ପାଳନ ଅବସରରେ ନିସିକାମୁଠାର, ଜାନିଙ୍କ ଦ୍ୱାରା ଧାର୍ମିକ ପୂଜାବିଧାନ ଆଦି ସଂପାଦିତ ହୁଏ । ତନ୍ତ୍ରମନ୍ତ୍ର ବଳରେ 'ବେଜୁଣୀ' (ଗୁଣିଆ) ଅଦୃଶ୍ୟ ଆତ୍ମା ସହିତ ଯୋଗାଯୋଗ ସ୍ଥାପନ କରିଥାଆନ୍ତି ବୋଲି ଲୋକ ବିଶ୍ୱାସ ରହିଛି । ଚେରମୂଳି ଓ ଅନ୍ୟାନ୍ୟ ବନଜାତ ଔଷଧରେ 'ଦିଶାରୀ'ର ବିଶେଷ ଜ୍ଞାନ ଥାଏ । ଏଣୁ ସେ ଅସୁସ୍ଥ ବ୍ୟକ୍ତିଙ୍କ ଚିକିତ୍ସା କରିଥାନ୍ତି । ଜାନୀ ପରେ 'ବିଶି ମାଝି'ଙ୍କ ସ୍ଥାନ ମହତ୍ତ୍ୱପୂର୍ଣ୍ଣ । ସେ ଗାଁ ରୁ ରାଜସ୍ୱ ସଂଗ୍ରହ କରନ୍ତି । 'ବାରିକ' ଗାଁ'ର ବାର୍ତ୍ତାବହ ହିସାବରେ କାମ କରନ୍ତି ।

ଗ୍ରାମସଭାରେ ସାମାଜିକ ପ୍ରଥା ଓ ଗୋଷ୍ଠୀ କଲ୍ୟାଣ ସଂପର୍କରେ ଆଲୋଚନା ହୁଏ। 'ମୁଠା' ହେଉଛି ଡଙ୍ଗରିଆମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ସଙ୍ଗଠନ। କେତୋଟି ଗାଁକୁ ନେଇ ଗୋଟିଏ ମୁଠା ଗଠିତ ହୁଏ। ମୁଠାର ମୁଖ୍ୟଙ୍କୁ ମଣ୍ଡଳ କୁହାଯାଏ। ସମଗ୍ର ଡଙ୍ଗରିଆ ଅଞ୍ଚଳ ଏକୋଇଶ ଗୋଟି ମୁଠାରେ ବିଭକ୍ତ।

ନିଜ ସମାଜରେ ପ୍ରାଚୀନ ପ୍ରଥା, ପରଂପରା, ବିଶ୍ୱାସ ଓ ମୂଲ୍ୟବୋଧକୁ ନେଇ ଡଙ୍ଗରିଆମାନେ ଗର୍ବ ଅନୁଭବ କରନ୍ତି। ଏମାନେ ପ୍ରକୃତି ସହିତ ସଂସ୍କୃତିକୁ ଅତ୍ୟନ୍ତ ଆଦର କରନ୍ତି। ଡଙ୍ଗରିଆମାନେ ଶହ ଶହ ବର୍ଷ ଧରି ନିଜର ସାଂସ୍କୃତିକ ପରିଚୟକୁ ଅକ୍ଷୁଣ୍ଣ ରଖିଛନ୍ତି। ଏବେ ଯାତାୟତ ଓ ପରିବହନର ସୁବିଧା ଯୋଗୁଁ ଏମାନେ ବାହ୍ୟ ଦୁନିଆ ସହିତ ଯୋଗାଯୋଗର ସୁବିଧା ପାଉଛନ୍ତି। ଏମାନଙ୍କର ସାମଗ୍ରିକ ବିକାଶ ପାଇଁ ସରକାରଙ୍କ ପକ୍ଷରୁ ବିଷମକଟକ ବ୍ଲକର ଚାଟିକୋଣା ଓ କଲ୍ୟାଣସିଂପୁର ବ୍ଲକର ପାର୍ସେଲି ଠାରେ ଦୁଇଟି 'ଡଙ୍ଗରିଆ କନ୍ଧ ଉନ୍ନୟନ' ସଂସ୍ଥା ପ୍ରତିଷ୍ଠା କରାଯାଇଛି। ଜନଜାତିଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଉଦ୍ୟାନ କୃଷି ତଥା ଅନ୍ୟାନ୍ୟ ବିକାଶମୂଳକ ଯୋଜନାର ସଫଳ ରୂପାୟନ ପାଇଁ ଏହି ସଂସ୍ଥା କାର୍ଯ୍ୟରତ। ତେବେ ଯୋଜନାବଦ୍ଧ ଉନ୍ନୟନ, ଶିକ୍ଷାର ବିସ୍ତାର ଓ ଆଧୁନିକତାର ପ୍ରଭାବ ଫଳରେ ସେମାନଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆସୁଛି।





# କୁଟିଆ କନ୍ଧ

ଓଡ଼ିଶାରେ କନ୍ଧ ହେଉଛନ୍ତି ଏକ ସଂଖ୍ୟାଗରିଷ୍ଠ ଜନଜାତି। ୨୦୧୧ ଜନଗଣନା ହିସାବରେ ଏମାନଙ୍କ ସଂଖ୍ୟା ୧୬,୨୭,୪୮୬ ଥିଲା। କନ୍ଧମାନଙ୍କୁ ଦେଶିଆ, ଡ଼ଙ୍ଗରିଆ, କୁଟିଆ, ସିଠା, ପେଙ୍ଗୁ, ନଙ୍ଗୁଳି, ଝଡିଆ, ମାଲୁଆ, ଝାମିଆ ଇତ୍ୟାଦି ବିଭିନ୍ନ ଉପଗୋଷ୍ଠୀରେ ବିଭକ୍ତ କରାଯାଇଛି। ଏମାନଙ୍କ ମଧ୍ୟରେ ଡଙ୍ଗରିଆଙ୍କ ପରି କୁଟିଆ କନ୍ଧ ମଧ୍ୟ ବିଶେଷ ଅନୁନ୍ନତ ଜନଜାତି ସମୁଦାୟର ମାନ୍ୟତା ପାଆନ୍ତି। ୨୦୧୮ ଆଧାରରେଖା ସର୍ବେକ୍ଷଣ ଅନୁଯାୟୀ ଅଣୁପ୍ରକଳ୍ପ ଅଞ୍ଚଳରେ କୁଟିଆମାନଙ୍କ ସଂଖ୍ୟା ୩୯,୭୬୧। ଏମାନଙ୍କର ଭାଷା 'କୁଇ'। ଏମାନେ ନିଜକୁ 'କୁଏଞ୍ଜୁ' ବୋଲି କୁହନ୍ତି। କନ୍ଧମାଳ ଜିଲ୍ଲାର ଦକ୍ଷିଣାଞ୍ଚଳରେ ଅଧିକ ସଂଖ୍ୟାରେ କୁଟିଆ କନ୍ଧମାନେ ବସବାସ କରୁଥିବାର ଦେଖାଯାଏ। କଳାହାଣ୍ଡିରେ ମଧ୍ୟ କୁଟିଆ



କନ୍ଧମାନଙ୍କର ବସତି ରହିଛି । କନ୍ଧମାଳ ଜିଲ୍ଲାର ବେଲଘର ଅଞ୍ଚଳରେ ବସବାସ କରୁଥିବା କୁଟିଆ କନ୍ଧମାନଙ୍କ ସାମାଜିକ ଓ ସାଂସ୍କୃତିକ ପରମ୍ପରା ଏବେ ବି ଅକ୍ଷୁଣ୍ଣ ରହିଛି ।

କୁଟିଆ କନ୍ଧ ଗାଆଁରେ ଘରଗୁଡ଼ିକ ରାସ୍ତାର ଉଭୟ ପାର୍ଶ୍ୱରେ ଧାଡ଼ି ହୋଇ ତିଆରି ହୋଇଥାଏ । ସେମାନଙ୍କ ଘରେ ଅଙ୍କିତ ଚିତ୍ରକଳା 'ଟିକାଙ୍ଗଗୁଡା' ଭାବରେ ପରିଚିତ । ଏହା ଖୁବ୍ ଆକର୍ଷଣୀୟ ଏବଂ ସ୍ୱତନ୍ତ୍ର । ଗାଁ ମଝିରେ ଧରଣୀପେନୁଙ୍କ ଆସ୍ଥାନ ସାମନାରେ ମେରିଆ ଖୁଣ୍ଟ ପୋତାଯାଇଥାଏ । ଘରକୁ ଲାଗି ଗୋରୁ ଗୁହାଳ ଥାଏ । ଖାଦ୍ୟପେୟ, ଶିକାର, ଗୃହନିର୍ମାଣ ସରଞ୍ଜାମ, ଜାଳେଣି ନିମନ୍ତେ କୁଟିଆ କନ୍ଧମାନେ ଜଙ୍ଗଲ ଉପରେ ନିର୍ଭର କରନ୍ତି । ସେମାନେ ଜଙ୍ଗଲରୁ ଛତୁ, କନ୍ଦା, ମୂଳ ପରି ଖାଦ୍ୟପଦାର୍ଥ ସହ ଆବଶ୍ୟକ କାଣ୍ଡ, ଫୁଲ, ଫଳ ଓ ମଞ୍ଜି ଆଦି ସଂଗ୍ରହ କରି ନିଜର ଗୁଜୁରାଣ ମେଣ୍ଟାଇ ଥାଆନ୍ତି ।



କୁଟିଆ କନ୍ଧ ସମାଜରେ ପରିବାରର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହି ପିତୃକେନ୍ଦ୍ରିକ ସମାଜରେ ବିବାହ ପରେ ପୁଅଟି ପିତାମାତାଙ୍କ ନିକଟରୁ ଅଲଗା ହୋଇଥାଏ । ଗ୍ରାମବାସୀଙ୍କ ସହଯୋଗରେ ସେ



ନିଜର ସ୍ୱତନ୍ତ୍ର ଘର ତିଆରି କରେ । ଜୀବିତ ପିତାମାତା ପରିଣତ ବୟସରେ ନିଜ କନିଷ୍ଠ ପୁତ୍ର ପାଖରେ ରୁହନ୍ତି । କୁଟିଆ କନ୍ଧ ସମାଜରେ ପରିବାର ବ୍ୟତୀତ କୁଟୁମ୍ବ ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯାଏ । ଜନ୍ମ, ମୃତ୍ୟୁ ଓ ବିବାହ ଆଦି ବିଶେଷ ସାମାଜିକ ଅନୁଷ୍ଠାନଗୁଡ଼ିକ ପାଳନ ନିମନ୍ତେ କୁଟୁମ୍ବର ପ୍ରମୁଖ ଭୂମିକା ରହିଥାଏ । କେତୋଟି କୁଟୁମ୍ବକୁ ନେଇ ଗୋଟିଏ 'ବଂଶ' ଗଠିତ । ସମାନ ବଂଶର ପୁଅ-ଝିଅଙ୍କ ମଧ୍ୟରେ ବିବାହକୁ ସାମାଜିକ ଅପରାଧ ବୋଲି ବିବେଚନା କରାଯାଏ ।



କୁଟିଆ କନ୍ଧ ସମାଜରେ ପାରମ୍ପରିକ ମୁଖ୍ୟ ହେଲେ ମାଝୀ ଓ ମୁଠାମାଝୀ । ସେମାନଙ୍କର ଧାର୍ମିକ ମୁଖ୍ୟ 'ଜାନୀ' ନାମରେ ପରିଚିତ । ଧାର୍ମିକ ପୂଜା ଅନୁଷ୍ଠାନଗୁଡ଼ିକରେ ସମସ୍ତେ ଜାନୀଙ୍କ କଥାକୁ ପାଳନ କରନ୍ତି ଓ ସମ୍ମାନ ଦିଅନ୍ତି । ମୁଠା ସ୍ତରରେ ମୁଠାମାଝୀ ହେଉଛନ୍ତି



କ୍ଷମତାଶାଳୀ । ଗ୍ରାମ ସାମାଜିକ ସଙ୍ଗଠନର ମୁଖ୍ୟ ହେଲେ ମାଝୀ । ଗ୍ରାମ ପରିଷଦର ସଭା, ମାଝୀ ବା ଜାନୀଙ୍କ ଦ୍ୱାରା ଆହୂତ ହୋଇଥାଏ । ଏହି ସଭାରେ ସବୁ ପରିବାରର ମୁରବୀ ଅଂଶଗ୍ରହଣ କରନ୍ତି । ଏଥିରେ ଗୋଷ୍ଠୀର ସାମାଜିକ ନୀତି ନିୟମ, ଅନୁଶାସନ, ସଂଯୋଗ ଓ ସଂହତିକୁ ଅଗ୍ରାଧିକାର ଦିଆଯାଏ ।

ଶିଶୁଟିଏ ଜନ୍ମ ହେବାର ତୃତୀୟ ମାସରେ ନାମକରଣ ଉତ୍ସବ ଅନୁଷ୍ଠିତ ହୁଏ । ଏହି ଉତ୍ସବ ପାଳନର ବିଧି ବଡ଼ ବିଚିତ୍ର । ଜନ୍ମିତ ଶିଶୁକୁ ଗୋଟିଏ ଶିଆଳିପତ୍ର ଦେଖାଇ ତା ପାଖରେ ରଖାଯାଏ । ଏହି ସମୟରେ ପୂର୍ବପୁରୁଷଙ୍କ ବିଭିନ୍ନ ନାଆଁ ଡକାଯାଏ । ପୁଅ ହୋଇଥିଲେ ପୁରୁଷମାନଙ୍କର ନାଆଁ ଓ ଝିଅ ହୋଇଥିଲେ ମହିଳାମାନଙ୍କର ନାଆଁ ଡକାଯାଏ । ଯେଉଁ ନାଆଁ ଉଚ୍ଚାରଣ ବେଳେ ଜନ୍ମିତ ଶିଶୁଟି ଶିଆଳି ପତ୍ର ଆଡ଼କୁ ହାତ ବଢ଼ାଏ ବା ପତ୍ରକୁ ଧରେ, ଶିଶୁକୁ ସେହି ନାମରେ ନାମିତ କରାଯାଏ । କୁଟିଆ ସମାଜରେ ବିବାହ ଏକ ପବିତ୍ର ଅନୁଷ୍ଠାନ । ସାଧାରଣତଃ ବିବାହ ପ୍ରସ୍ତାବ ପ୍ରଥମେ ପୁଅ ପକ୍ଷରୁ ଆସିଥାଏ । ପ୍ରସ୍ତାବିତ ବିବାହ ବ୍ୟତୀତ ପ୍ରେମ ବିବାହ, ବଳ ପୂର୍ବକ ବା ଝିକା ବିବାହ, ଅଦଳବଦଳ ବିବାହ ଆଦି ପ୍ରଥା ମଧ୍ୟ ସେମାନଙ୍କ ସମାଜରେ ପ୍ରଚଳିତ ରହିଛି ।

ମୃତ୍ୟୁ ପରେ ମୃତ ବ୍ୟକ୍ତିର ଶବକୁ ପୋଡ଼ି ଦିଆଯାଏ ଅଥବା ପୋତି ଦିଆଯାଏ । ସାଧାରଣ ବା ସ୍ୱାଭାବିକ ମୃତ୍ୟୁରେ ଶବକୁ ଶ୍ମଶାନରେ ଦାହ କରାଯାଏ । ଅସ୍ୱାଭାବିକ ଅଥବା ସଂକ୍ରାମକ ରୋଗ କାରଣରୁ ମୃତ୍ୟୁ ହେଲେ ଶବକୁ ପୋତି ଦିଆଯାଏ ।





କୁଟିଆକନ୍ଧ ଅଞ୍ଚଳରେ ଧର୍ମର ପ୍ରତୀକ ଭାବରେ ଦୁଇମୂନ ବିଶିଷ୍ଟ କାଠଖମ୍ବ ପୋତା ହୋଇଥିବାର ଦେଖାଯାଏ । ଛୋଟ କାଠଖମ୍ବ ଓ ପଥରରେ ସିନ୍ଦୂର ଲଗା ଯାଇ ପୂଜା କରାଯାଏ । ତିନୋଟି ପଥରର ପ୍ରତୀକରେ ପୂଜିତ "ଧରଣୀପେନୁ" କୁଟିଆମାନଙ୍କର ଧାର୍ମିକ ଜୀବନର ଆରାଧ୍ୟା ଦେବୀ । ଏମାନେ ପାଳନ କରୁଥିବା ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ଚୈତ୍ର ମାସରେ ଚଇତି ପର୍ବ, ଫାଲଗୁନ ମାସରେ କେଡୁ ପର୍ବ, ଆଶ୍ୱିନ ମାସରେ ଦଶହରା ଓ ବିହନ ପୂଜାପର୍ବ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ । କୁଟିଆ କନ୍ଧ ଗୋଷ୍ଠୀ ଏକାଠି ହୋଇ 'ଧରଣୀ ପେନୁ'ଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ପୂଜା ଓ ଉତ୍ସବ ପାଳନ କରିଥାନ୍ତି ।

କୁଟିଆ କନ୍ଧମାନଙ୍କ ଠାରେ ରହିଛି ଉନ୍ନତ






କଳାତ୍ମକ ଜ୍ଞାନକୌଶଳ ଓ ବିଚାରଶକ୍ତି । ଏମାନେ ଅନେକ ବିଷୟକୁ ଶୁଣି ମନେରଖି ପାରନ୍ତି । ଗୀତ-ନାଚ-ବାଦ୍ୟ, ପାରମ୍ପରିକ କଳାକୌଶଳ ଓ ବିଭିନ୍ନ ବନୌଷଧି ତଥା ଜଡିବୁଟିର ଉଚିତ୍ ପ୍ରୟୋଗବିଧି ଆଦି ବିଷୟରେ ଏମାନଙ୍କର ଯଥେଷ୍ଟ ଜ୍ଞାନ ଥିବାର ଦେଖାଯାଏ । କୁଟିଆ କନ୍ଧମାନେ ପ୍ରାଚୀନ ଅଧିବାସୀ ହିସାବରେ ନିଜକୁ 'ରାଜା' ମନେ କରନ୍ତି ।

ପରିବର୍ତ୍ତନ ଏକ ନିରନ୍ତର ପ୍ରକ୍ରିୟା । ଏବେ କୁଟିଆ କନ୍ଧମାନଙ୍କ ଜୀବନଯାତ୍ରାରେ ଅନେକ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି । ପରିବର୍ତ୍ତନ ସହିତ ତାଳ ଦେଇ ଏମାନଙ୍କର ପାରମ୍ପରିକ ଜୀବନଶୈଳୀ ମଧ୍ୟ ବଦଳିଛି । ସରକାରଙ୍କ ପକ୍ଷରୁ ପ୍ରତିଷ୍ଠିତ 'କୁଟିଆ କନ୍ଧ ଉନ୍ନୟନ ସଂସ୍ଥା' ମାଧ୍ୟମରେ ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟସେବା ତଥା ଗମନାଗମନର ସୁବିଧା ସମେତ କୃଷି, କ୍ଷୁଦ୍ର ବ୍ୟବସାୟ ସମ୍ବନ୍ଧୀୟ ସହାୟତା ଓ ସଚେତନତା ପାଇ କୁଟିଆ କନ୍ଧମାନେ ଯଥେଷ୍ଟ ଲାଭାନ୍ୱିତ ହୋଇ ପାରୁଛନ୍ତି । ଆଧୁନିକ କୃଷି ପ୍ରଣାଳୀର ପ୍ରଚଳନ, ଅଧିକ ଅମଳକ୍ଷମ ବିହନ ଯୋଗାଣ, ଜଳସେଚନର ସୁବିଧା ବଳରେ ଏମାନଙ୍କର ଜୀବନଧାରଣର ମାନ ଉନ୍ନତ ହେଉଛି ।





# ଲୋଧା

ଓଡ଼ିଶାର ପୁରାତନ ତଥା ବିଶେଷଭାବରେ ଅନୁନ୍ନତ ଜନଜାତି ସଂପ୍ରଦାୟ ମଧ୍ୟରେ 'ଲୋଧା' ଜନଜାତି ଅନ୍ୟତମ । ଆଧାରଲେଖା ସର୍ବେକ୍ଷଣ ୨୦୧୮ ଅନୁଯାୟୀ ଅଣୁ ପ୍ରକଳ୍ପ ଅଞ୍ଚଳରେ ୬,୩୭୧ ଜଣ ଲୋଧା ବସବାସ କରୁଥିବାର ଜଣାଯାଏ । ଲୋଧା ଶବ୍ଦଟି 'ଲୁବ୍ଧକ' ଶବ୍ଦରୁ ଉତ୍ପତ୍ତି ହୋଇଥିବା ଗବେଷକମାନେ ମତଦିଅନ୍ତି । ଲୋଧାମାନେ ବିଶ୍ୱାସ କରନ୍ତି ବ୍ୟାଧ, କିରାତ ଏବଂ ଶବର ରାଜା ବିଶ୍ୱାବସୁ ସେମାନଙ୍କ ପୂର୍ବପୁରୁଷ । ମୟୂରଭଞ୍ଜ ଜିଲ୍ଲାର ମୋରଡା ବ୍ଲକ ଅନ୍ତର୍ଗତ ଶୁଳିଆପଦା ଗ୍ରାମ ଲୋଧା ସଂପ୍ରଦାୟର କେନ୍ଦ୍ରସ୍ଥଳ । ଏତଦ୍‌ବ୍ୟତୀତ ବଡସାହି, ବାରିପଦା, ଖୁଣ୍ଟା, ଉଦଳା, କପ୍ତିପଦା ଓ ଶ୍ୟାମାଖୁଣ୍ଟା ଆଦି ଅଞ୍ଚଳରେ ମଧ୍ୟ ସେମାନେ ବସବାସ କରନ୍ତି । ଓଡ଼ିଶା ବାହାରେ ଝାଡଖଣ୍ଡ ଓ ପଶ୍ଚିମବଙ୍ଗର କେତେକ ଅଞ୍ଚଳରେ ମଧ୍ୟ ଲୋଧା ଜନଜାତିର ଲୋକ ଅବସ୍ଥାନ କରନ୍ତି ।



କାଠ, ବାଉଁଶ ଓ ମାଟିରେ ଲୋଧାମାନଙ୍କ ପାରମ୍ପରିକ ଘର ନିର୍ମିତ ହୋଇଥାଏ । ଏବେ ଚାଳଘର ବଦଳରେ ଖପର, ଆଜବେଷ୍ଟସ୍ ଅଥବା ଛାତ ଘର ତିଆରି କରାଯାଉଛି । ସେମାନଙ୍କ ଘର ଅଗଣାକୁ ଲାଗି ଗୃହପାଳିତ ପଶୁମାନଙ୍କ ନିମନ୍ତେ ଅଲଗା ଘର ଥାଏ । ନିତିଦିନ ବ୍ୟବହୃତ ଜିନିଷ ସବୁକୁ ଘର ଭିତରେ ରଖାଯାଏ । କୃଷି ଯନ୍ତ୍ରପାତି ଆଦି ଘର ବରଣ୍ଡାରେ ରହେ । ଘରର ବରଣ୍ଡା ପ୍ରଶସ୍ତ ଥାଏ । ପରିବାରର ବିଭିନ୍ନ ଆବଶ୍ୟକ କାର୍ଯ୍ୟ ସେଠାରେ ସମ୍ପାଦିତ ହୁଏ । ଅଗଣାରେ ସବାଇ ଘାସରୁ ଦଉଡ଼ି ତିଆରି କରିବା, ଶାଳପତ୍ରରୁ ଖଲି ଦନା ତିଆରି ଆଦି କାମ କରାଯାଏ ।

ଲୋଧାମାନେ ଏବେ ସାଧାରଣ କୃଷି କାର୍ଯ୍ୟ ଅବା ଭାଗଚାଷ କରି ଜୀବିକା ନିର୍ବାହ କଲେଣି । ସବାଇ ଘାସରେ ଦଉଡି ତିଆରି, ପତ୍ର ସଂଗ୍ରହ କରି ଖଲି ପ୍ରସ୍ତୁତି, ଟସର ଚାଷ ଓ ଜଙ୍ଗଲରୁ ଜାଳେଣି କାଠ ସଂଗ୍ରହ କରି



ବଜାରରେ ବିକ୍ରୀ କରିବା ସେମାନଙ୍କର ଅନ୍ୟତମ ପ୍ରମୁଖ ଜୀବିକା । ଲୋଧା ସମାଜରେ ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ ଅଧିକ ପରିଶ୍ରମୀ । ଜମିରେ ହଳ କରିବା ବ୍ୟତୀତ ପ୍ରାୟତଃ ଅନ୍ୟ ସମସ୍ତ କାର୍ଯ୍ୟ ମହିଳାମାନେ କରିଥାଆନ୍ତି ।

ଲୋଧା ଜନଜାତି ସାଧାରଣ ଓଡ଼ିଆ ଲୋକଙ୍କ ପରି ପରିଧାନ ପିନ୍ଧି ଥାଆନ୍ତି । ପୁରୁଷମାନେ ଧୋତି, ଲୁଙ୍ଗି,



ପ୍ୟାଣ୍ଟ ସହ ଗଞ୍ଜି ବା ସାର୍ଟ ପିନ୍ଧୁଥିବା ବେଳେ ମହିଳାମାନେ ଶାଢ଼ି ଓ ବ୍ଲାଉଜ ପିନ୍ଧନ୍ତି । ହାତ ଓ ବେକରେ ସାଧାରଣତଃ କାଚର ଚୁଡି ଓ ମାଳା ପିନ୍ଧନ୍ତି । ରୋଷେଇ କରିବା ନିମନ୍ତେ କେତୋଟି ମାଟି ହାଣ୍ଡିର ପାତ୍ର ସହ ଲୁହା ତାଓଆ ଓ ଆଲୁମିନିୟମ ଥାଳି ଆଦି ବ୍ୟବହାର କରାଯାଏ । ଚାଙ୍ଗୁ ଓ ମାଦଳ ସେମାନଙ୍କର ମୁଖ୍ୟ ବାଦ୍ୟଯନ୍ତ୍ର ।

ଲୋଧା ସମାଜରେ 'ବଂଶ' ସଂଗଠନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପ୍ରତି ବଂଶର ଏକ ସ୍ୱତନ୍ତ୍ର ଚିହ୍ନ ଅଛି । ପଶୁପକ୍ଷୀମାନଙ୍କ ନାମରେ ନାମିତ ଏହି ଚିହ୍ନକୁ 'ଗୋତ୍ର' କୁହାଯାଏ । ଲୋଧାମାନଙ୍କର ସମୁଦାୟ ନଅପ୍ରକାରର ଗୋତ୍ର ରହିଛି । ସେଗୁଡିକ ହେଲା: ଭକ୍ତା, ମଲିକ, ନାୟକ, କୋଟାଲ୍, ଦଣ୍ଡପାଟ୍, ପରମାଣିକ, ଆହୋରି, ଭୁନିଆଁ ଓ ଦିଗାର ।  ସମାନ ଗୋତ୍ରରେ ବିବାହ ନିଷିଦ୍ଧ । ବିବାହ ପରେ କନ୍ୟା ସ୍ୱାମୀର ଗୋତ୍ରକୁ ଗ୍ରହଣ କରେ ।






ଲୋଧାମାନଙ୍କର ଧାର୍ମିକ ଜୀବନ ବିଭିନ୍ନ ପର୍ବପର୍ବାଣି ଓ ଉତ୍ସବ ସହ ସଂପୃକ୍ତ । ପ୍ରତିଟି ଧାର୍ମିକ ଅନୁଷ୍ଠାନ 'ଦେହୁରି'ଙ୍କ ଦ୍ୱାରା ପରିଚାଳିତ ହୁଏ । 'ଛାଟିଆ' ଦେହୁରିଙ୍କୁ କାର୍ଯ୍ୟରେ ସହଯୋଗ କରନ୍ତି । ପ୍ରତ୍ୟେକ ଲୋଧା ଗ୍ରାମରେ 'ପ୍ରଧାନ' ବା 'ସର୍ଦ୍ଦାର' ନାମକ ଜଣେ ମୁଖିଆ ଥାଆନ୍ତି । ପ୍ରଧାନଙ୍କୁ ସହାୟତା କରୁଥିବା ବ୍ୟକ୍ତି 'ଡାକୁଆ' ବା 'ଆଠ ଘରିଆ' ନାମରେ ପରିଚିତ । ପୂଜା ସମୟରେ ବଳି ପକାଉଥିବା ବ୍ୟକ୍ତିଙ୍କୁ 'ହଣତ୍କାର' କୁହାଯାଏ । 'ଗୁଣିଆ' ରୋଗୀମାନଙ୍କୁ ଚେରମୂଳି ଔଷଧ ଦେବା ସହିତ ଝଡା ଫୁଙ୍କା କରି ଚିକିତ୍ସା କରିଥାଆନ୍ତି ।

ଲୋଧାମାନଙ୍କର ମୁଖ୍ୟ ଦେବୀ 'ଶୀତଳା' । ବର୍ଷକୁ ଏକାଧିକ ଥର ନିଷ୍ଠା ସହକାରେ ସେମାନେ ଶୀତଳାଙ୍କୁ ପୂଜା କରିଥାଆନ୍ତି । ଏହାବ୍ୟତୀତ ସେମାନେ ଚଣ୍ଡୀ, ବସୁମାତା, ବଡାମ୍ ଠାକୁରଙ୍କୁ ମଧ୍ୟ ପୂଜା କରନ୍ତି । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଲୋଧା ସମାଜରେ ବହୁ ଧାର୍ମିକ କ୍ରିୟାକର୍ମ ଓ ସାମାଜିକ ପରମ୍ପରା ରହିଛି । ପିଲାମାନେ ବଡ଼ ହେବା ପରେ ସେମାନଙ୍କୁ ବିଭିନ୍ନ କର୍ମରେ ନିୟୋଜିତ କରାଯାଏ । ଲୋଧା ସମାଜରେ ଝିଅମାନଙ୍କ ଅପେକ୍ଷା ପୁଅମାନଙ୍କୁ ଅପେକ୍ଷାକୃତ ଅଧିକ ସ୍ୱାଧୀନତା ମିଳିଥାଏ ।

ଲୋଧା ସମାଜରେ ବିବାହ ଏକ ମହତ୍ତ୍ୱପୂର୍ଣ୍ଣ ଅନୁଷ୍ଠାନ । ବର ଦ୍ୱାରା କନ୍ୟାକୁ ଲୁହାଚୁଡ଼ି ପିନ୍ଧାଣ, ବିବାହର ଅଷ୍ଟମ ଦିନରେ କନ୍ୟାର ବାପ ଘର ବାହୁଡ଼ା ଆଦି ପ୍ରଥା ସେମାନଙ୍କ ବିବାହ ବିଧିରେ ପ୍ରଚଳିତ ରହିଛି । ପରିବାରର କେହି ଜଣେ ମରିଗଲେ ବନ୍ଧୁବାନ୍ଧବ, ପଡୋଶୀ ଓ ସମଗୋତ୍ର ସଂପର୍କୀୟମାନଙ୍କ ସହଯୋଗରେ ଶବ ସତ୍କାର କରାଯାଏ । ମୃତ୍ୟୁର ଦଶ ଦିନ ପରେ ଦଶାହ, ଶୁଦ୍ଧି କର୍ମ ଅନୁଷ୍ଠାନ ପରେ କୁଟୁମ୍ବ ଲୋକଙ୍କୁ ଭୋଜି





ଦିଆଯାଏ । ଲୋଧା ସମାଜରେ ପୂର୍ବରୁ ଗ୍ରାମ ପରିଷଦ ବ୍ୟବସ୍ଥା ପ୍ରଚଳିତ ଥିଲା । ଏବେ ଏହାର ସ୍ଥାନ ନେଇଛି ସରକାରୀ ପଞ୍ଚାୟତିରାଜ ବ୍ୟବସ୍ଥା । ନୂତନ ବ୍ୟବସ୍ଥା ଅନୁଯାୟୀ ସରପଞ୍ଚ ତଥା ୱାର୍ଡ ମେମ୍ବରମାନଙ୍କର ଗୁରୁତ୍ୱ ବୃଦ୍ଧିପାଇଛି । ବିଭିନ୍ନ ନ୍ୟାୟ ନିଶାପ ପାଇଁ ଏମାନେ ଥାନା, କୋର୍ଟ କଚେରି ଯିବାକୁ ଏବେ ପସନ୍ଦ କରୁଛନ୍ତି ।

ସମୟସ୍ରୋତରେ ଲୋଧା ସମ୍ପ୍ରଦାୟର ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ଘଟୁଛି । ସେମାନଙ୍କ କଲ୍ୟାଣ ଓ ପ୍ରଗତି ପାଇଁ ସରକାର ବିଭିନ୍ନ ଉନ୍ନୟନମୂଳକ ଯୋଜନା ପ୍ରଣୟନ କରିଛନ୍ତି । ୧୯୮୬ ମସିହାରେ ମୟୂରଭଞ୍ଜର ମୋରଡ଼ା ଠାରେ ସ୍ଥାପିତ 'ଲୋଧା ଉନ୍ନୟନ ସଂସ୍ଥା' ମାଧ୍ୟମରେ ଏହି ଜନଜାତିବର୍ଗ ଉନ୍ନତ ଜୀବନଶୈଳୀ ଆପଣେଇବାକୁ ଆବଶ୍ୟକ ପରାମର୍ଶ ପାଇ ପାରୁଛନ୍ତି । ସାମାଜିକ, ଅର୍ଥନୈତିକ ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଲୋଧାମାନଙ୍କର ସାମଗ୍ରିକ ଜୀବନଶୈଳୀରେ ପରିବର୍ତ୍ତନ ଆଣୁଛି । ଶିକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟ ସୁବିଧା ତଥା ବିଭିନ୍ନ ମୌଳିକ ଭିତ୍ତିଭୂମିର ବିକାଶ ସହ ସେମାନଙ୍କ ବ୍ୟକ୍ତିଗତ ଉନ୍ନତି ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରଚଳନ କରାଯାଇଛି । ସେମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେଉଛନ୍ତି ।





# ପାଉଡ଼ି ଭୂୟାଁ

ଓଡ଼ିଶାର ଅନ୍ୟତମ ପୁରାତନ ଜନଜାତି ହେଉଛନ୍ତି 'ଭୂୟାଁ'। ୨୦୧୧ ଜନସୁମାରି ହିସାବରେ ଏମାନଙ୍କ ସଂଖ୍ୟା ୩,୦୬,୧୨୯ ଥିବାର ଜଣାଯାଏ। ଭୂମିରୁ ଜାତ ବୋଲି ଏମାନଙ୍କୁ ଭୂୟାଁ କୁହାଯାଏ ।

ଭୂୟାଁ ଜନଜାତିମାନଙ୍କ ମଧ୍ୟରେ ପାଉଡ଼ି ଭୂୟାଁ ହେଉଛନ୍ତି ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୁଦାୟ । ସେମାନଙ୍କୁ ପାହାଡ଼ି ଭୂୟାଁ ମଧ୍ୟ କୁହାଯାଏ । ଓଡ଼ିଶାର ସୁନ୍ଦରଗଡ଼, କେଉଁଝର, ଦେବଗଡ଼ ଓ ଅନୁଗୋଳ ଜିଲ୍ଲାରେ ଏହି ଜନଜାତି ବସବାସ କରନ୍ତି। ପାଉଡ଼ି ଭୂୟାଁମାନେ ମୁଖ୍ୟତଃ ଜଙ୍ଗଲ ଅଞ୍ଚଳରେ ବାସ କରନ୍ତି। ଏମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ସରକାରଙ୍କ ପକ୍ଷରୁ ଚାରିଟି 'ପାଉଡ଼ି ଭୂୟାଁ ଉନ୍ନୟନ ସଂସ୍ଥା' ଖୋଲାଯାଇଛି।



ପାଉଡ଼ି ଭୂୟାଁ ପୁରୁଷମାନେ ସାଧାରଣତଃ ଧୋତି, ଗଞ୍ଜି ଓ ଜାମା ପିନ୍ଧୁଥିବା ବେଳେ ମହିଳାମାନେ ଶାଢ଼ୀ ଓ ବ୍ଲାଉଜ୍ ପରିଧାନ କରନ୍ତି। ଏମାନେ ତାଙ୍କ ଶରୀରକୁ ପାରମ୍ପରିକ ଅଳଙ୍କାରରେ ସଜାଇଥାଆନ୍ତି। ମହିଳାମାନେ ଚୁଡ଼ି, ବାହୁବନ୍ଧ, ପାଉଁଜି, ହାର, ବେକ ମାଳି, ନାକ ଫୁଲ, କାନ ଫୁଲ ଆଦି ଅଳଙ୍କାର ବ୍ୟବହାର କରନ୍ତି।

ପାଉଡ଼ି ଭୂୟାଁମାନଙ୍କର ଘରଗୁଡ଼ିକ ପରିଷ୍କାର ପରିଚ୍ଛନ୍ନ। କାନ୍ଥଗୁଡ଼ିକ ନାଲି ମାଟି ଓ ଗୋବରରେ ଲିପାପୋଛା ହୋଇଥାଏ। ମହିଳାମାନେ ବର୍ଷସାରା ଘରକୁ ସୁନ୍ଦର ଓ ଆକର୍ଷଣୀୟ କରିବାକୁ ଉଦ୍ୟମ ଜାରି ରଖନ୍ତି। ସେମାନଙ୍କ ମୁଖ୍ୟ ବାସଗୃହଗୁଡିକ ଆୟତାକାର। ଘରର ଚାଳ ଗଡ଼ାଣିଆ ହେବା ସହିତ କାନ୍ଥଗୁଡ଼ିକ ମାଟି। କାଦୁଅରେ ତିଆରି ହୋଇଥାଏ। ଘରେ ବ୍ୟବହାର୍ଯ୍ୟ ଉପକରଣ ମଧ୍ୟରେ ମାଟିପାତ୍ର, ଲାଉତୁମ୍ବା, ଖଜୁରି ପଟି, କାଠର ଖଟ, ପତ୍ର ତିଆରି ଛତା, ତଲାରି, ବାଉଁଶ ଝୁଡ଼ି, ଝାଡୁ, ଶିଳ, କୁରାଢ଼ି, ଛୁରି, ଧନୁ, ତୀର, ହଳ ଲଙ୍ଗଳ, କିରାସିନି ଲ୍ୟାମ୍ପ୍ ଇତ୍ୟାଦି ଥାଏ ।





ପାଉଡ଼ି ଭୂୟାଁମାନେ ସାଧାରଣ କୃଷି ସହିତ ପୋଡୁଚାଷ ମଧ୍ୟ କରିଥାଆନ୍ତି । ଏହି ପୋଡୁଚାଷକୁ 'କମଣ' କୁହାଯାଏ । ଜଙ୍ଗଲ ଜମିର ଯେଉଁ ଅଂଶରେ ପୋଡୁଚାଷ କରାଯାଏ ତାହା 'ବିରିଙ୍ଗା' ନାମରେ ପରିଚିତ । ଏମାନେ ବିରିଙ୍ଗାରେ ବିରି, ଶିମ୍ବ, କଖାରୁ ଓ ଗୁଡ଼ାରେ ଧାନ, ବାଜରା, ବରଗୁଡ଼ି ଆଦି ଚାଷ କରନ୍ତି । ବାଡ଼ିରେ ବିଭିନ୍ନ କିସମର ପନିପରିବା, ମକା, ସୋରିଷ ଆଦି ଚାଷ ମଧ୍ୟ ହୁଏ । ଚାଷ ଛଡା ଏମାନେ ଶିକାର କରିବା, ମାଛ ଧରିବା ଓ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଆଦି କାର୍ଯ୍ୟ କରିଥାଆନ୍ତି । ସେମାନେ ନିକଟସ୍ଥ ଜଙ୍ଗଲରୁ ଛତୁ, କନ୍ଦମୂଳ, କଅଁଳିଆ ଡ଼ାଳ, ପତ୍ର, ଫଳ, କୋଳି, ମଞ୍ଜି, ଲାଖ, ଝୁଣା, ଚାରକୋଳି, ଜାଳେଣି କାଠ ଓ ଅନ୍ୟାନ୍ୟ ଦ୍ରବ୍ୟ ସଂଗ୍ରହ କରନ୍ତି । ପାଉଡ଼ି ଭୂୟାଁମାନେ ଗାଈ, ବଳଦ, ମଇଁଷି, ଛେଳି, ମେଣ୍ଢା ଓ କୁକୁଡ଼ା ଆଦି ପାଳନ କରନ୍ତି । ଅବସର ସମୟରେ ବିଭିନ୍ନ ପ୍ରକାରର ଝୁଡ଼ି, ଧାନ ରଖିବା ପାତ୍ର, କୁଲା, ବାଉଁଶ ପଟି ଆଦି ତିଆରି କରି ବଜାରରେ ବିକ୍ରୀ କରନ୍ତି । ମହିଳାମାନେ ଖଜୁରି ପତ୍ରରେ ସୁନ୍ଦର ମଶିଣା ମଧ୍ୟ ବୁଣିଥାଆନ୍ତି ।

ପାଉଡ଼ି ଭୂୟାଁମାନେ ସାମାଜିକ ସୂତ୍ରରେ ପରସ୍ପର ସହ ବାନ୍ଧି ହୋଇ ରହିଥାଆନ୍ତି । ଗୋଟିଏ ଗୋଷ୍ଠୀର





ସମସ୍ତ ସଦସ୍ୟ ପରସ୍ପର ସହ ରକ୍ତଗତ ଅଥବା ବୈବାହିକ ସୂତ୍ରରେ ସମ୍ପର୍କୀୟ ହୋଇଥାଆନ୍ତି । ଭୂୟାଁ ଜନଜାତିରେ ଗୋଟିଏ ବଂଶ ବା 'ଖିଲି' ମଧ୍ୟରେ ବିବାହ ନିଷେଧ ହୋଇଥାଏ ।

କେତେଗୁଡ଼ିଏ ଗାଁକୁ ନେଇ ଏକ ସଂଘ ପ୍ରତିଷ୍ଠା ହୋଇଥାଏ । ତାହା "ପିଢ" ଭାବରେ ପରିଚିତ । ପାଉଡ଼ି ଭୂୟାଁ ସମାଜରେ 'ପିଢ଼' ଏକ ବୃହତ୍ତର ଅନୁଷ୍ଠାନ । ପିଢ଼ରେ ସ୍ୱତନ୍ତ୍ର 'ପିଢ଼ ଦେହୁରି' ଥାଆନ୍ତି । ପିଢ଼ସ୍ତରୀୟ ସମସ୍ତ ଧାର୍ମିକ ପୂଜାପଦ୍ଧତି ଓ କର୍ମକର୍ମାଣିରେ ପିଢ଼ ଦେହୁରି ମୁଖ୍ୟ ଭୂମିକା ଗ୍ରହଣ କରନ୍ତି । ଗାଁର ଅବିବାହିତ ଯୁବକ ଯୁବତୀମାନେ ଯୁବାଘରର ସଦସ୍ୟ ହୋଇଥାଆନ୍ତି । ତାଙ୍କ ଭାଷାରେ ଏହି ଯୁବାଘରକୁ 'ଦରବାର ଘର' କୁହାଯାଏ । ବନ୍ଧୁ ଗାଁର ଯୁବକମାନଙ୍କ ଦ୍ୱାରା ନିମନ୍ତ୍ରିତ ଯୁବକଯୁବତୀମାନେ ଦରବାରଘର ଅଗଣାରେ



ନାଚନ୍ତି । ନୃତ୍ୟ ସମୟରେ ପରସ୍ପର ମଧ୍ୟରେ ହସ କଉତୁକ, ଥଟ୍ଟା-ପରିହାସ ଚାଲେ । ପରସ୍ପର ଭିତରେ ମନପସନ୍ଦର ଉପହାର ଦିଆନିଆ ହୁଏ ।

ପାଉଡ଼ି ଭୂୟାଁମାନେ ଧର୍ମଦେବତା ସୂର୍ଯ୍ୟଙ୍କୁ ଶ୍ରେଷ୍ଠ ଦେବତା ଏବଂ ମାଟି ମାଆ ବା 'ବାସୁକିମାତା'ଙ୍କୁ ଶ୍ରେଷ୍ଠ ଦେବୀ ଭାବରେ ଗ୍ରହଣ କରନ୍ତି । ଗ୍ରାମଦେବତାଙ୍କୁ 'ବଡ଼ାମ' କୁହନ୍ତି । ସେମାନେ 'ବିରଦା ପାଟ୍' ଦେବତାଙ୍କୁ ମଧ୍ୟ ପୂଜା କରନ୍ତି । ଦରବାରଘର ନିକଟରେ 'ଗାଇଁଶିରୀ' ଠାକୁରାଣୀ ପୂଜା ପାଆନ୍ତି । ଗାଁର ଧାର୍ମିକ ମୁଖ୍ୟ 'ଦେହୁରି' ସମସ୍ତ ପୂଜା କର୍ମରେ ଦେବଦେବୀ ଓ ଆତ୍ମା ଆଦିଙ୍କୁ ସନ୍ତୁଷ୍ଟ କରିବାକୁ ଉଦ୍ୟମ କରିଥାନ୍ତି । ପାଉଡି ଭୂୟାଁ ସମାଜରେ ଦେହୁରି ଓ ରାଉଳିଆ (ଗୁଣିଆଁ ବା ବଇଦ)ଙ୍କ ସାମାଜିକ ଗୁରୁତ୍ୱ ଅଧିକ ।

ସେମାନଙ୍କର ପାରମ୍ପରିକ ରାଜନୈତିକ ପରିଷଦ ରହିଛି । ସାମାଜିକ ସ୍ତରରେ ସେମାନଙ୍କ ପ୍ରାଶାସନିକ ମୁଖ୍ୟ ହେଲେ ନାୟକ । ଏହି ମୁଖ୍ୟ ପଦବୀଟି ଅଞ୍ଚଳ ଭେଦରେ ଗଉଁତିଆ ବା ପ୍ରଧାନ ନାମରେ ମଧ୍ୟ ପରିଗଣିତ ।

ପାଉଡ଼ି ଭୂୟାଁମାନେ ବର୍ଷସାରା ଅନେକ ପର୍ବପର୍ବାଣି ପାଳନ କରିଥାନ୍ତି । ଆମ୍-ନୂଆ ପର୍ବ ବା 'କାଠଯାତ୍ରା' ପର୍ବପାଳନ ପରେ ସେମାନେ ମହୁଲ ଫୁଲକୁ ଭାଜି ଖାଆନ୍ତି । ମାର୍ଚ୍ଚ-ଏପ୍ରିଲ ମାସରେ ପାରିଧି ପାଇଁ ବଡ଼ାମ୍ ଦେବତାଙ୍କୁ ପୂଜା କରାଯାଏ । ଏଥିସହିତ ଗ୍ରାମଦେବୀଙ୍କୁ ପୂଜା କରି ବିରିଙ୍ଗା ଚାଷ ନିମନ୍ତେ ଶୁଖିଯାଇଥିବା ଡାଳପତ୍ରାଦିରେ ନିଆଁ ଲଗାଇବା କାର୍ଯ୍ୟ ଅନୁକୂଳ କରାଯାଏ ।



ବିହନ ବୁଣିବା ପାଇଁ ତିରତିଆ (ଅକ୍ଷୟ ତୃତୀୟା) ପାଳନ ହୁଏ । ଭଲ ଫସଲ ନିମନ୍ତେ ଆଷାଢ଼ୀ ପୂଜା କରାଯାଏ । ଜୁଲାଇ-ଅଗଷ୍ଟ ମାସରେ ଗହ୍ମାପର୍ବ ଅନୁଷ୍ଠିତ ହୁଏ । ସେପ୍ଟେମ୍ବର-ଅକ୍ଟୋବର ମାସରେ ନୂଆଖିଆ ପର୍ବ ପାଳିତ ହୋଇଥାଏ । ଧାନ ଅମଳ ସରିବା ପରେ କରମା ପର୍ବ ପାଳନ କରାଯାଏ ।

ପାଉଡ଼ି ଭୂୟାଁ ସମାଜରେ ଭିନ୍ନ ଗୋତ୍ରରେ ବିବାହ ପରମ୍ପରା ପ୍ରଚଳିତ । ବିବାହ ପରେ ଦମ୍ପତ୍ତି ଦରବାର ଘରର ବନ୍ଧୁ ଓ ବାନ୍ଧବୀମାନଙ୍କୁ ଉପହାର ଦେଇଥାଆନ୍ତି । ମାଆ ଓ ପରିବାରର



ଅନ୍ୟ ସଦସ୍ୟମାନେ ମିଳିମିଶି ଜନ୍ମିତ ଶିଶୁର ସମସ୍ତ ଯତ୍ନ ନିଅନ୍ତି । ସଭିଏଁ ମିଳିମିଶି ଚଳନ୍ତି । ବାର୍ଦ୍ଧକ୍ୟରେ ପୁଅମାନେ ବୁଢ଼ା ପିତାମାତାଙ୍କର ଉପଯୁକ୍ତ ଯତ୍ନ ନେବାକୁ ନିଜର କର୍ତ୍ତବ୍ୟ ବୋଲି ମନେ କରନ୍ତି ।

ଏବେ ବିକାଶଧାରା ତ୍ୱରାନ୍ୱିତ ହେବାରେ ଲାଗିଛି । ସ୍ୱାସ୍ଥ୍ୟ, ଶିକ୍ଷା, ପରିବେଶ ସଂରକ୍ଷଣ, ମୌଳିକ ଭିତ୍ତିଭୂମିର ବିକାଶ, ବ୍ୟକ୍ତିଗତ ହିତକାରୀ ଯୋଜନା ଆଦି ବହୁମୁଖୀ ସରକାରୀ କାର୍ଯ୍ୟକ୍ରମର ସଫଳ ରୂପାୟନ ଫଳରେ ପାଉଡ଼ି ଭୂୟାଁମାନଙ୍କ ଜୀବନର ମାନରେ ପରିବର୍ତ୍ତନ ଆସିଛି । ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ 'ପାଉଡ଼ି ଭୂୟାଁ ଉନ୍ନୟନ ସଂସ୍ଥା' ମାଧ୍ୟମରେ ସେମାନଙ୍କ ସାମାଜିକ, ଶୈକ୍ଷିକ ତଥା ଭୌତିକ କ୍ଷେତ୍ରରେ ଅଗ୍ରଗତି କରୁଛନ୍ତି । ସେମାନେ କୃଷି କ୍ଷେତ୍ରରେ ଜଳସେଚନ ସୁବିଧା ପାଇ ଆଧୁନିକ ପ୍ରଣାଳୀରେ ଚାଷବାସ କରି ଭଲ ଅମଳ କରୁଛନ୍ତି । ଉତ୍ପାଦିତ ଦ୍ରବ୍ୟକୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ ବିପଣନ ମଧ୍ୟ କରୁଛନ୍ତି । ଫଳରେ ପରିବର୍ତ୍ତନର ସୁଫଳ ଉପଲବ୍ଧି କରୁଛନ୍ତି ।





# ଡିଡ଼ାୟୀ

ଡିଡ଼ାୟୀ ଜନଜାତିଙ୍କୁ ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୁଦାୟ ମଧ୍ୟରେ ଗ୍ରହଣ କରାଯାଇଛି । ଏମାନେ ମାଲକାନଗିରି ଜିଲ୍ଲାର କୋଣ୍ଡାକାମ୍ବେରୁ ପାର୍ବତ୍ୟାଞ୍ଚଳରେ ବସବାସ କରି ଆସୁଛନ୍ତି । ସେମାନଙ୍କ ଭାଷାରେ 'ଡିଡ଼ାୟୀ' ଶବ୍ଦର ଅର୍ଥ ହେଉଛି 'ଚଢିବା' । ୨୦୧୮ ଆଧାରରେଖା ସର୍ବେକ୍ଷଣ ଅନୁସାରେ ଏମାନଙ୍କ ସଂଖ୍ୟା ୯,୧୨୦ ଥିବାର ଜଣାଯାଏ ।

ବଣ୍ଡା, ଗଦବା ଓ ପରଜା ପ୍ରଭୃତି ଜନଜାତିମାନଙ୍କ ସହିତ ଡିଡ଼ାୟୀମାନେ ମିଳିମିଶି ଚଳନ୍ତି । ସେମାନଙ୍କ ଜୀବନ ଧାରଣ ଶୈଳୀ ଅତ୍ୟନ୍ତ ସାଧାରଣ । ସେମାନଙ୍କ ଘରର କାନ୍ଥ ମାଟି କାଦୁଅରେ ତିଆରି ହୋଇଥିବାବେଳେ ଛପର ଚାଳରେ ତିଆରି । ଏବେ ଟିଣ, ଟାଇଲ, ଆଜବେଷ୍ଟସ୍ ଏବଂ ଛାତ ଘର ହେଲାଣି । ଏମାନଙ୍କ ପାରମ୍ପରିକ ଘର ପ୍ରାୟତଃ ଏକ ବଖୁରିକିଆ । ବାହାରେ ଗାଈଗୋରୁ, ଛେଳି, ଘୁଷୁରିମାନଙ୍କ ପାଇଁ ଅଲଗା ଗୁହାଳ ଘର ତିଆରି ହୋଇଥାଏ ।



ଡିଡ଼ାୟୀମାନଙ୍କର ସାମାଜିକ ସଙ୍ଗଠନ ରହିଛି । ସେମାନଙ୍କ ଭିତରେ ଦୁଇପ୍ରକାରର ଗୋଷ୍ଠୀ ପରିଲକ୍ଷିତ ହୁଏ । ଗୋଟିଏ ରକ୍ତ ସଂପର୍କୀୟ ଜ୍ଞାତିକୁଟୁମ୍ବ ଗୋଷ୍ଠୀ ଓ ଅପରଟି ମାତୁଳବଂଶୀୟ ବନ୍ଧୁଗୋଷ୍ଠୀ । ସବୁ ବଂଶର ଗୋତ୍ର ଥାଏ । ଗୋଟିଏ ବଂଶର ଗୋଷ୍ଠୀକୁ ସେମାନେ 'ଗତାଃରେ' କହନ୍ତି । ନିଜ ଗୋତ୍ରର ଜୀବକୁ ସେମାନେ ମାରନ୍ତି ନାହିଁ । ସେମାନେ ନିଜ ଗୋଷ୍ଠୀ ବାହାରେ ବିବାହ କରନ୍ତି । ଡିଡାୟୀମାନଙ୍କର ପରିବାର ଛୋଟ । ବୟୋଜ୍ୟେଷ୍ଠ ପୁରୁଷ ସଦସ୍ୟ ପରିବାରର ମୁଖ୍ୟ ହୋଇଥାନ୍ତି । ସେ ସମସ୍ତ ନିଷ୍ପତ୍ତି ନିଅନ୍ତି । ବିବାହ ପରେ ପୁଅ ତା'ର ସ୍ତ୍ରୀ ସହିତ ଅଲଗା ଘର ତିଆରି କରି ରୁହେ ।








ସାପ୍ତାହିକ ହାଟରୁ ସୂତା ଲୁଗା, ଜାମାପଟା, ପୋଷାକପତ୍ର ଆଦି କିଣି ଉଭୟ ପୁରୁଷ ଓ ମହିଳାମାନେ ବ୍ୟବହାର କରନ୍ତି । ଉଭୟ ପୁରୁଷ ଓ ମହିଳା ପର୍ବପର୍ବାଣି ଗୁଡିକରେ ରଙ୍ଗିନ୍ ପୋଷାକ ପିନ୍ଧିବାକୁ ପସନ୍ଦ କରିଥାଆନ୍ତି । ମହିଳାମାନେ ବେକରେ ଆଲୁମିନିୟମ୍, ପିତ୍ତଳ ଓ ରୁପାର ହାର ଏବଂ ହାତରେ ରୁପା ଚୁଡ଼ି ପିନ୍ଧନ୍ତି ।



ଡିଡ଼ାୟୀମାନଙ୍କ ଚାଷ ଜମି ବହୁତ କମ୍ । ଶିକାର, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ, ପୋଡୁଚାଷ, ସାଧାରଣ କୃଷି, ପଶୁପାଳନ ତଥା ବାଡ଼ି ବଗିଚାରେ କାମ କରି ସେମାନେ ପରିବାର ଚଳାନ୍ତି । ଏହାବ୍ୟତୀତ ସେମାନେ ଜଙ୍ଗଲରୁ ପତ୍ର, ଫୁଲ, ଫଳମୂଳ, ଛତୁ ଓ ମହୁ ଆଦି ସଂଗ୍ରହ କରନ୍ତି । ଏବେ ବାଲିମେଳା ଜଳ ଭଣ୍ଡାରରୁ ମାଛ ଧରି ସେମାନେ ବେଶ୍ ଲାଭବାନ୍ ହେଉଛନ୍ତି ।

ଡିଡ଼ାୟୀମାନଙ୍କର ସାମାଜିକ ଓ ଅର୍ଥନୈତିକ ଜୀବନ ମୁଖ୍ୟତଃ ଗ୍ରାମ ସଙ୍ଗଠନ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ସମସ୍ତ ସାମାଜିକ, ଆର୍ଥିକ ଓ ଧର୍ମୀୟ କାର୍ଯ୍ୟଧାରା ଗ୍ରାମ ପରିଷଦ ଦ୍ୱାରା ପରିଚାଳିତ ହୋଇଥାଏ । ଗ୍ରାମର ମୁଖ୍ୟଙ୍କୁ 'ନାଇକ' କୁହାଯାଏ । ଚାଲାଣ

(ଉପମୁଖ୍ୟ) ଓ ବାରିକ (ଡାକୁଆ) ସବୁକାମରେ ନାଇକଙ୍କୁ ସାହାଯ୍ୟ, ସହଯୋଗ କରନ୍ତି । ପ୍ରତି ଘରର ମୁଖିଆ ଗ୍ରାମ ପରିଷଦର ସଦସ୍ୟ ହୋଇଥାନ୍ତି । ନାଇକ ସବୁବେଳେ ଧର୍ମୀୟ ମୁଖ୍ୟ (ପଲାସି) ଓ ଅନ୍ୟ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ସହିତ ପରାମର୍ଶ ତଥା ବିଚାର ବିମର୍ଶ କରି ବିଭିନ୍ନ ବିଷୟରେ ଆବଶ୍ୟକ ନିଷ୍ପତ୍ତି ନିଅନ୍ତି ।

ଡିଡାୟୀ ଜୀବନଧାରା ସହିତ ଧର୍ମବିଶ୍ୱାସ ଓ ପ୍ରକୃତି ପୂଜା ନିବିଡ ଭାବରେ ଜଡିତ । ଧର୍ମ ମାଧ୍ୟମରେ ଏମାନେ ସାମାଜିକ ସଂହତି ବଜାୟ ରଖନ୍ତି । ମାଟି ଦେବତା ଉପରେ ଏମାନଙ୍କର ଅଗାଧ ବିଶ୍ୱାସ ରହିଥାଏ । ସେମାନେ ବର୍ଷସାରା ନାନା ପ୍ରକାର ପର୍ବପର୍ବାଣି ପାଳନ କରନ୍ତି । ମାର୍ଚ୍ଚ ମାସରେ ଭୈରୋ ପୂଜା, ମାର୍ଚ୍ଚ-ଏପ୍ରିଲ୍ ମାସରେ ଗୋସେଣ୍ଡିଆ-ହିଆ, ଏପ୍ରିଲ୍ ମାସରେ ଘିଆ ପାଣ୍ଡୁ, ଜୁଲାଇ ମାସରେ ଲେଣ୍ଡିପାଣ୍ଡେ, ଅକ୍ଟୋବର ମାସରେ ଦଶରା ହିଆ, ନଭେମ୍ବର ମାସରେ ଡିହିର ହିଆ ଓ





ଗୋଙ୍ଗହିର ହିଆ ଇତ୍ୟାଦି ଏମାନଙ୍କର ପ୍ରଧାନ ପର୍ବ।

ମଣିଷର କର୍ମ ଓ କର୍ମଫଳ ଉପରେ ଡିଡାୟୀମାନେ ଗଭୀର ବିଶ୍ୱାସ କରନ୍ତି। ପର୍ବପର୍ବାଣି ପାଳନ ସମୟରେ ନୃତ୍ୟ ଓ ଗୀତର ଆସର ଜମେ। ଏବେ ସେମାନଙ୍କ ପାରମ୍ପରିକ ନୃତ୍ୟ 'ଢେମ୍‌ସା'ର ଲୋକପ୍ରିୟତା ଖୁବ୍ ବୃଦ୍ଧି ପାଇଛି। ଡିଡାୟୀମାନେ ବିବାହ, ଜନ୍ମ-ମୃତ୍ୟୁ ସହିତ ଜଡିତ ସାମାଜିକ ପରମ୍ପରାଗୁଡ଼ିକର ଅନୁସରଣ କରନ୍ତି। ପର୍ବପର୍ବାଣି ପାଳନ ସମୟରେ ପୁରୁଷ ଓ ମହିଳା ମିଶି ଯୁଗ୍ମ ନୃତ୍ୟ ପରିବେଷଣ କରିଥାନ୍ତି। ନୃତ୍ୟ ଓ ସଙ୍ଗୀତ ସବୁଥିରେ ପ୍ରକୃତି ଓ ପ୍ରାକୃତିକ ଉପାଦାନଗୁଡ଼ିକ ସହିତ ସେମାନଙ୍କ ଅନ୍ତରଙ୍ଗ ସଂପର୍କର ପରିଭାଷା ପ୍ରତିଫଳିତ ହୋଇଥାଏ।

ଡିଡ଼ାୟୀମାନେ ଅତି ସରଳ; ଅଳ୍ପରେ ସନ୍ତୁଷ୍ଟ ହୁଅନ୍ତି। କୁଡୁମୁଲୁଗୁମା ଠାରେ ସରକାରଙ୍କ ପକ୍ଷରୁ ପ୍ରତିଷ୍ଠିତ 'ଡିଡାୟୀ ଉନ୍ନୟନ ସଂସ୍ଥା' ଜରିଆରେ ଏମାନଙ୍କ ବିକାଶ ପାଇଁ ବିଶେଷ ଧ୍ୟାନ ଦିଆଯାଉଛି। ଦିନକୁ ଦିନ ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ଅବସ୍ଥାରେ ଉନ୍ନତି ପରିଲକ୍ଷିତ ହେଉଛି। ପିଲାମାନଙ୍କୁ ବିଦ୍ୟାଳୟ ପଠାଇ ଶିକ୍ଷିତ କରାଇବାର ଆଗ୍ରହ କ୍ରମଶଃ ବୃଦ୍ଧି ପାଉଛି। ଜଳ ଅମଳ ପ୍ରକଳ୍ପ, ମାଛ ଯାଆଁଳ ଚାଷ,



ବନ୍ଧ କାମ, ଉଠା ଜଳସେଚନ ଆଦି ଉନ୍ନୟନମୂଳକ କାର୍ଯ୍ୟଧାରା ପ୍ରତି ସେମାନଙ୍କର ଆଗ୍ରହ ବଢୁଥିବାର ଲକ୍ଷ୍ୟ କରାଯାଉଛି। ମାଛଚାଷ, ଗୋ-ପାଳନ ଓ ଅର୍ଥକରୀ ଫସଲ ଉତ୍ପାଦନ କରି ସେମାନେ ସ୍ୱାବଲମ୍ବୀ ହେବାରେ ଲାଗିଛନ୍ତି।

